Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 65
Saturday, 9 May 2026
Balasore, Page : 8, ₹ 2/-
ବାଲେଶ୍ୱର, ଶନିବାର, ୯ମେ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା ଓ ନିଃସ୍ୱାର୍ଥପରତା ବିଦ୍ୟମାନ, ଜଗତ୍‌ବାସୀ ତାହା ବିରୋଧରେ ବଦ୍ଧାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
: ସ୍ୱାମୀ ବିବେକାନନ୍ଦ

ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ବିଜୟ; ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ

ନୂଆଦିଲ୍ଲୀ,୮/୫(କ୍ୟୁ.ଏ):ତାମିଲନାଡୁରେ ଝୁଲା ବିଧାନସଭା ରାୟ ଆସିବାପରେ ଗତ କିଛି ଦିନ ଧରି ରାଜ୍ୟରେ ଯେଉଁ ରାଜନୈତିକ ଅନିଶ୍ଚିତତା ଲାଗି ରହିଥିଲା ଆଜି ତା'ର ଅନ୍ ଘଟିଛି । ବିଜୟ ତାଙ୍କ ପ୍ରଥମ ରାଜନୈତିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଟିଭିକେ (ତାମିଲଗା ୱେଟ୍ରି କାଝଗମ) ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ହାସଲ କରି ପାରିଛି । ଆସନ୍ତାକାଲି ଆଲାପତି ବିଜୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଚେନ୍ନାଇରେ ଏକ ଭବ୍ୟ ସମାରୋହରେ ସେ ଶପଥ ଗ୍ରହଣ କରିବେ । ଟିଭିକେକୁ ଆଜି ଔପଚାରିକ ଭାବେ ଭିସିକେ (ବିଦୁଥଲାଇ ଚିରୁଥଇଗଲ କାଚି) , ସିପିଆଇ ଏବଂ ସିପିଏମ୍ ସହଯୋଗର ହାତ ବଢ଼ାଇଛନ୍ତି । ଏହାଦ୍ୱାରା ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ଦଳ ସରକାର ଗଠନ ପାଇଁ ଆବଶ୍ୟକୀୟ ସଂଖ୍ୟା ହାସଲ କରିଛି । ଏହାଦ୍ୱାରା ଜିତିବି ବି ହାରିବାକୁ ଯାଉଥିବା ବିଜୟଙ୍କର ଆଜି ପୁଣିଥରେ ବଡ଼ ବିଜୟ ହୋଇଛି । ସଂଖ୍ୟା ଖେଳରେ ବିଜୟ ଜିତିବା ସହ ତାମିଲନାଡୁରେ ନୂଆ ସରକାର ଗଠନ ପାଇଁ ବାଟ ଫିଟିଛି । ବିଜୟଙ୍କ ଦଳ ଟିଭିକେ ତାମିଲନାଡୁରେ ବାର୍ଘି ୫୦ ବର୍ଷର ପ୍ରାଚିନ୍ ଗଡ଼ ଭାଙ୍ଗି ୧୦୮ ଆସନରେ ବିଜୟୀ ହୋଇଥିଲା । ଏହା ଏକକ ବୃହତ୍ତମ ଦଳ ହୋଇଥିଲେ ସୁଦ୍ଧା ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୧୮ ଠାରୁ ଦଳ ପଛରେ ଥିବାରୁ ସରକାର ଗଠନରେ ବାଧା ଛାଡ଼ୁନଥିଲା । ବିଜୟ ସରକାର ଗଠନ ପାଇଁ ୨ ଥର ରାଜ୍ୟପାଳ ଆର୍ଲେକରଙ୍କୁ ଭେଟିଥିଲେ ମଧ୍ୟ ରାଜ୍ୟପାଳ ତାଙ୍କୁ ୨ ଥର ଯାକ ଫେରାଇ ଦେଇଛନ୍ତ । ୧୧୮ ବିଧାୟକଙ୍କ ଲିଖିତ ସମର୍ଥନ ସହ ଆସିବାପାଇଁ ରାଜ୍ୟପାଳ ବିଜୟଙ୍କୁ କହିଥିଲେ । ଟିଭିକେ ଦଳ ୧୦୮ ଆସନରେ ବିଜୟୀ ହୋଇଥିଲା ସୁଦ୍ଧା ବିଜୟ ୨ଟି ଆସନରେ ଜିତିଥିବାରୁ ସେ ଗୋଟିଏ ଆସନ ଛାଡ଼ିବେଳେ ଦଳର ଆସନ ସଂଖ୍ୟା ୧୦୭କୁ କମିଯାଇଛି । ତେଣୁ କଂଗ୍ରେସ ସମର୍ଥନ ସହ ବିଜୟଙ୍କ ପାଖରେ ପ୍ରଥମେ ୧୧୨ ଜଣ ବିଧାୟକଙ୍କ ସମର୍ଥନ ଥିଲା । ଏବେ ଭିସିକେ, ସିପିଆଇ ଏବଂ ସିପିଏମ୍ ଟିଭିକେକୁ ସମର୍ଥନ କରିବାଦ୍ୱାରା ଦଳର ସଂଖ୍ୟା ୧୧୮ରେ ପହଞ୍ଚିଛି । ସିପିଏମ୍ ସାଧାରଣ ସମ୍ପାଦକ ଏମ୍ଏ ବେବି ଆଜି ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ସିପିଆଇ, ସିପିଏମ୍ ଏବଂ ଭିସିକେର ମିଳିତ ଭାବେ ରାଜ୍ୟ ବିଧାନସଭାରେ ୬ ବିଧାୟକ ଥିବାବେଳେ ସମସ୍ତେ ବିଜୟଙ୍କୁ ସରକାର ଗଠନ ପାଇଁ ସହଯୋଗ କରିବେ । ଏହାପଦରେ ବିଧାନସଭାରେ ସଂଖ୍ୟା ଖେଳ ପଳଟିଯାଇଛି ଏବଂ ସରକାର ଗଠନ ନେଇ ଯେଉଁ ଅନିଶ୍ଚିତତା ଲାଗି ରହିଥିଲା ତାହା ଶେଷ ହୋଇଛି । ଶେଷରେ ବିଜୟ ହିଁ ତାମିଲନାଡୁରେ ସରକାର ଗଠନ କରିବେ । ଉଲ୍ଲେଖଯୋଗ୍ୟ, ତାମିଲନାଡୁରେ ବିଧାନସଭା ନିର୍ବାଚନ ଫଳ ଆସିବାପରେ ବଡ଼ ଧରଣର ରାଜନୈତିକ ଡ୍ରାମା ଆରମ୍ଭ ହୋଇଥିଲା । ୭ ବର୍ଷରେ ୩ ନିର୍ବାଚନ ଜିତିଥିବା ଡିଏମ୍‌କେ-କଂଗ୍ରେସ ମେଂଟ ନର୍ବାଚନ ଫଳ ଆସିବା ପରେ ଭାଙ୍ଗିଯାଇଛି । ଉଭୟ ଦଳ ପରସ୍ପର ବିରୋଧରେ ବିଶ୍ୱାସଘାତ ଅଭିଯୋଗ ଆଣିଛନ୍ତି । କଂଗ୍ରେସ ସର୍ବମୂଳକ ଭାବେ ବିଜୟଙ୍କୁ ସମର୍ଥନର ହାତ ବଢ଼ାଇଛି । ଅନ୍ୟପକ୍ଷେ ଟିଭିକେ ମଧ୍ୟ ଭିସିକେ, ସିପିଆଇ ଏବଂ ସିପିଏମ୍‌ର ସମର୍ଥନ ପାଇଁ କଥାବାର୍ତ୍ତା କରିଛି । ଶୁକ୍ରବାର ଅପରାହ୍ନ ସୁଦ୍ଧା ଏଥିପାଇଁ ୨ରାଉଣ୍ଡ ବୈଠକ ହୋଇଛି । ସମର୍ଥନ ପତ୍ର ସହ ଏହି ନିଷ୍ପତ୍ତି ସଂକ୍ରାନ୍ତରେ ଜଣାଯାଇଛି ଏବଂ ଟିଭିକେ ଭଳି ସାଧାରଣ ସମ୍ପାଦକ ସିଟି ନିର୍ମଳ କୁମାର ମଧ୍ୟ ଏହା ସ୍ପଷ୍ଟ କରିଛନ୍ତି । ଏଥିସହ ମଧ୍ୟ ବିଜୟଙ୍କ ପ୍ରତି ଏଆଇଏମ୍‌ଆଇଏମ୍‌ର ଜଣେ ବିଧାୟକକ ଏବଂ ଟିଟିଭି ଦିନାକରନଙ୍କ ଦଳର ଜଣେ ବିଧାୟକଙ୍କ ସମର୍ଥନ କରିଛନ୍ତି । ଯଦିଓ ସେମାନେ ଔପଚାରିକ ଭାବେ ଏନେଇ ଘୋଷଣା କରିନାହାନ୍ତି । ମିଳିଥିବା ସୂଚନାନୁଯାୟୀ ଆଗାମୀ ଟିଭିକେ ନେତୃତ୍ୱାଧୀନ ସରକାରରେ ଭିସିକେ, ସିପିଏମ୍ ଏବଂ ସିପିଆଇ ଗୋଟିଏ ଲେଖାଏ ମନ୍ତ୍ରୀ ପଦ ପାଇବେ ଏବଂ କଂଗ୍ରେସ ଏହାର ସମର୍ଥନ ପାଇଁ ୨ଟି ପଦ ଆଶା କରୁଛି ।

ପଶ୍ଚିମବଙ୍ଗରେ ଶୁଭେନ୍ଦୁ ସରକାର

କୋଲକାତା,୮/୫(କ୍ୟୁ.ଏ):ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି । ଗତ ୫ଦିନ ଚାଲେ। ଯାହା ଚର୍ଚ୍ଚା ହେଉଥିଲା ଏବଂ ଜଳ୍ପ ସୃଷ୍ଟି ହେଉଥିଲା, ଏଥିରେ ଯବନିକା ପଡ଼ିଛି । ପଶ୍ଚିମବଙ୍ଗର ଅନ୍ୟତମ ଗଣୁଆ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଉପରେ ଭାରତୀୟ ଜନତା ପାର୍ଟି ଭରସା କରିଛି । ଆଜି ଅପରାହ୍ନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ବିଜେପି ବିଧାୟକ ଦଳର ବୈଠକରେ ବହୁ ବିଚାର ବିମର୍ଶ ପରେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ଆଗାମୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା ହୋଇଛି । ପଶ୍ଚିମବଙ୍ଗ ରାଜ୍ୟପାଳ ଆର.ଏନ୍.ରବି ଗତ ୭ ତାରିଖ ଦିନ ରାଜ୍ୟ ବିଧାନସଭାକୁ ଭଙ୍গ କରିଦେଇଛନ୍ତି । କୋଲକାତା ରେଡିଓରେ ଜାରି ସରକାରୀ ଅଧିସୂଚନା ଅନୁସାରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ସଫଳତା ହାସଲ ପରେ ଏହି ପଦକ୍ଷେପ ନିଆଯାଇଛି । ଆଶା କରାଯାଉଛି ଯେ, ୨୦୨୬ ମେ' ୯ ତାରିଖ ଦିନ ବିଶ୍ୱକୁଣ୍ଡ ରବୀନ୍ଦ୍ର ନାଥ ଟାଗୋରଙ୍କ ଜୟନ୍ତୀ ଅବସରରେ ପଶ୍ଚିମବଙ୍ଗରେ ଶୁଭେନ୍ଦୁ ସରକାର ଆରମ୍ଭ ହୋଇପାରେ । ସୂଚନାଯୋଗ୍ୟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ-୨୦୨୬ରେ ଶୁଭେନ୍ଦୁ ଅଧିକାରୀ ଭବାନୀପୁର ନିର୍ବାଚନ ମଣ୍ଡଳୀରୁ ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ ବିପକ୍ଷରେ ବିଜୟୀ ହୋଇଥିଲେ । ଏହି ଆସନରେ ଶୁଭେନ୍ଦୁଙ୍କୁ ୭୩,୯୧୭ ଖଣ୍ଡ ଭୋଟ୍ ମିଳିଥିଲା । ମମତା ବାନାର୍ଜୀ ୫୮,୮୧୨ ଖଣ୍ଡ ଭୋଟ୍ ପାଇଥିଲେ । ଅର୍ଥାତ ଶୁଭେନ୍ଦୁ ଅଧିକାରୀ ୧୫,୧୦୫ ଖଣ୍ଡ ଭୋଟ୍ ବ୍ୟବଧାନରେ ଭବାନୀପୁର ଆସନରୁ ବିଜୟୀ ହୋଇଥିଲେ । ସେହିପରି ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ପବିତ୍ର କରଙ୍କୁ ୯,୬୬୫ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ । ଏଠାରେ ଶୁଭେନ୍ଦୁଙ୍କୁ ୧,୨୭,୩୦୧ ଖଣ୍ଡ ଭୋଟ୍ ମିଳିଥିଲା । ଗୋଟିଏ ନିର୍ବାଚନରେ ଶୁଭେନ୍ଦୁ ଅଧିକାରୀ ୨ଟି ଆସନରୁ ବିଜୟୀ ହୋଇଛନ୍ତି ।

ଦିଦି ଗଲେ ଦାଦା ଆସିଲେ କାଉନସିଲରରୁ ହେବେ ମୁଖ୍ୟମନ୍ତ୍ରୀ

କୋଲକାତା,୮/୫ (କ୍ୟୁ.ଏ): ପଶ୍ଚିମବଙ୍ଗ ରାଜନୀତିର ଆକାଶରେ ଶୁଭେନ୍ଦୁ ଅଧିକାରୀ ଏକ ଏମିତି ନାଁ, ଯାହାକୁ ଅଣଦେଖା କରିବା ଅସମ୍ଭବ । ପୂର୍ବ ମେଦିନିପୁରର ମାଟିରୁ ବାହାରି ରାଜ୍ୟ ରାଜନୀତିର ଶୀର୍ଷରେ ପହଁଚିବା ପଛରେ ରହିଛି ତିନି ଦଶନ୍ଧିର ଜଟିଳ ପରିଶ୍ରମ, ସାଧାରଣ ଲୋକଙ୍କ ସହ ସମ୍ପର୍କ ଏବଂ ଅଦମ୍ୟ ସଂଘର୍ଷ । ତାଙ୍କର ଏହି ଯାତ୍ରା କୌଣସି ବକ୍ତିତ୍ୱର କାହାଣୀଠାରୁ କମ୍ ନୁହେଁ । ଶୁଭେନ୍ଦୁଙ୍କ ରାଜନୈତିକ ଜୀବନ ଏକ ଗୁରୁତ୍ୱପୂର୍ଣ୍ଣ ମଂଚୁ ନୁହେଁ, ବରଂ ତୃଣମୂଳ ସ୍ତରରୁ ଆରମ୍ଭ ହୋଇଥିଲା । ୧୯୯୫ ମସିହାରେ ସେ ପ୍ରଥମ ଜଣେ ଭାରତୀୟ ଜାତୀୟ କଂଗ୍ରେସ ଟିକେଟରେ ଜାଙ୍କି ମ୍ୟୁନିସିପାଲିଟିରୁ ଜଣେ ସାଧାରଣ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ସେହି ସମୟରେ ବଙ୍ଗଳାରେ ବାମପନ୍ଥୀ ଶାସନର ଦବଦବା ଥିଲା । ଜଣେ ଯୁବକ ଭାବେ ନିଜ ଅଂଚଳରେ ଲୋକଙ୍କ ସମସ୍ୟା ପାଇଁ ଲଢ଼ିବା ଏବଂ କଂଗ୍ରେସ ପରି ଏକ ଦଳକୁ ସେଠାରେ ସଜାଗ ରଖିବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ଥିଲା । କିନ୍ତୁ ଶୁଭେନ୍ଦୁ ହାର୍ ମାନି ନଥିଲେ; ସେ ଗଣ୍ଡୁ ଘର ବୁଲି ଲୋକଙ୍କ ବିଶ୍ୱାସ ଜିତିବାରେ ସଫଳ ହୋଇଥିଲେ । ଶୁଭେନ୍ଦୁଙ୍କ ରାଜନୈତିକ ଜୀବନରେ ୨୦୦୬ ମସିହା ଏକ ମାଇଲଖୁଂଟ ସଦୃଶ ଥିଲା । ଏହି ବର୍ଷ ତାଙ୍କୁ ଉ ଜ ୟ ରାଜନୀତିରେ ଏକ ବଡ଼ ଉପାଦ୍ ମିଳିଥିଲା । ସେ କାଙ୍କି ବଶିଷ୍ଠ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରଥମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । କେବଳ ସେତିକି ନୁହେଁ, ସେହି ବର୍ଷ ତାଙ୍କୁ କାଙ୍କି ମୁନ୍ସିପାଲିଟିର ଅଧ୍ୟକ୍ଷ ଭାବେ ମଧ୍ୟ ନିଯୁକ୍ତ କରାଯାଇଥିଲା । ପୌରପାଳିକାର ମୁଖ୍ୟ ଭାବେ ସହରର ବିକାଶ ଏବଂ ବିଧାୟକ ଭାବେ ନିଜ ଅଂଚଳର ସ୍ୱର ବିଧାନସଭାରେ ଉଠାଇ ସେ ନିଜକୁ ଜଣେ ଦକ୍ଷ ପ୍ରଶାସକ ଭାବେ ପ୍ରମାଣିତ କରିଥିଲେ । ଶୁଭେନ୍ଦୁ ଅଧିକାରୀଙ୍କୁ ପ୍ରକୃତ ପରିଚୟ ଦେଇଥିଲା ନନ୍ଦୀଗ୍ରାମ ଆନ୍ଦୋଳନ । ଚାଷୀଙ୍କ ଜମି ସୁରକ୍ଷା ପାଇଁ ସେ ଯେଉଁ ସଂଘର୍ଷ କରିଥିଲେ, ତାହା ପଶ୍ଚିମବଙ୍ଗରୁ ୩୪ ବର୍ଷର ବାମ ଶାସନର ଅନ୍ ଘଟାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ସେହି ସମୟରେ ମୁଲିସ ଏବଂ ସଶସ୍ତ୍ର କ୍ୟାଡରଙ୍କ ବିରୋଧରେ ସେ ରାସ୍ତାକୁ ଓହ୍ଲାଇଥିଲେ, ଯାହା ତାଙ୍କୁ 'ଭୂମିପୁତ୍ର' ର ଆଖ୍ୟା ଦେଇଥିଲା । ୨୦୨୬ ବିଧାନସଭା ନିର୍ବାଚନ ପଶ୍ଚିମବଙ୍ଗ ପାଇଁ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଥିଲା । ଏହି ନିର୍ବାଚନରେ ଶୁଭେନ୍ଦୁ ଅଧିକାରୀ କେବଳ ଭାରତୀୟ ଜନତା ପାର୍ଟିର ଚେହେରା ନଥିଲେ, ବରଂ ସେ ଥିଲେ ବଙ୍ଗଳାବାସୀଙ୍କ ଆଶା ଓ ବିଶ୍ୱାସର ପ୍ରତୀକ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ସିଧାସଳଖ ଲଢ଼େଇ କରି ସେ ତାଙ୍କୁ ପରାଜିତ କରିଛନ୍ତି । ଏହି ବିଜୟ କେବଳ ଜଣେ ବ୍ୟକ୍ତିର ନୁହେଁ, ବରଂ ଏହା ହେଉଛି ସେହି ସାଧାରଣ ଲୋକଙ୍କର, ଯେଉଁମାନେ ବର୍ଷ ବର୍ଷ ଧରି ନ୍ୟାୟ ଓ ବିକାଶକୁ ଅପେକ୍ଷା କରିଥିଲେ । ଆଜି ଯେତେବେଳେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ପ୍ରସ୍ତୁତ ହେଉଛନ୍ତି, ସାରା ରାଜ୍ୟରେ ଏକ ଉତ୍ସାହର ମାହୋଲ ଦେଖିବାକୁ ମିଳୁଛି । ଜଣେ ଦକ୍ଷ ପ୍ରଶାସକ, ଜଣେ ସାହସୀ ନେତା ଏବଂ ଜନସାଧାରଣଙ୍କ ପ୍ରିୟ 'ଦାଦା' ଭାବେ ସେ ବଙ୍ଗଳାକୁ ଶିଳ୍ପାୟନ, ନିଯୁକ୍ତି ଏବଂ ସୁଶାସନର ଏକ ନୂଆ ଦିଗ ଦେଖାଇବେ ବୋଲି ଆଶା କରାଯାଉଛି । ୧୯୯୫ରୁ ସେହି କାଉନସିଲର ଆଜି ରାଜ୍ୟର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ପ୍ରମାଣ କରିଛନ୍ତି ଯେ, ନିଷ୍ଠା ଓ ପରିଶ୍ରମ ଥିଲେ ସଫଳତା ସୁନିଶ୍ଚିତ । ପଶ୍ଚିମବଙ୍ଗର ଆକାଶରେ ଶୁଭେନ୍ଦୁ ଏବେ ଏକ ଅଷ୍ଟ ନହେଉଥିବା ସୂର୍ଯ୍ୟ ଭାବେ ଉଦୟ ହୋଇଛନ୍ତି ।

'ଏବେ ଭୟ ଗଲା, ଭରସା ଆସିଲା':ଶୁଭେନ୍ଦୁ ଅଧିକାରୀ



କୋଲକାତା,୮/୫(କ୍ୟୁ.ଏ):ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ଔପଚାରିକ ଭାବେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ବିଜେପି ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିବା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଭାବେ ନାଁ ଘୋଷଣା ହେବାପରେ ଶୁଭେନ୍ଦୁ ବିଶ୍ୱ ବାଙ୍ଗଳା ସମ୍ମିଳନୀ କେନ୍ଦ୍ରରେ ନବ ନିର୍ବାଚିତ ବିଜେପି ବିଧାୟକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ଏବେ ଭୟ ଗଲା, ଭରସା ଆସିଲା । 'ସୋନାର ବାଙ୍ଗଳା' ଏବଂ ମହିଳାଙ୍କ ସୁରକ୍ଷା ଦିଗରେ ତାଙ୍କ ସରକାର ଫୋକସ୍ କରିବ ବୋଲି ଶୁଭେନ୍ଦୁ ପ୍ରତିଶ୍ରୁତି ଦେଇଛନ୍ତି । ଶୁଭେନ୍ଦୁ କହିଛନ୍ତି, ଆମ ନେତା ନରେନ୍ଦ୍ର ମୋଦୀ ଅନେକ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ବିଜେପି ସମସ୍ତ ପ୍ରତିଶ୍ରୁତି ପୂରଣ କରିବା ଦିଗରେ କାମ କରିବ । ଆମେ କଥାରେ ବିଶ୍ୱାସ କରୁନା । ବିଜେପି କାମରେ ବିଶ୍ୱାସ କରେ । ଅଧିକାରୀ ଦଳୀୟ ବିଧାୟକମାନଙ୍କୁ କହିଛନ୍ତି, ' ଆଜି ମୁଁ ଆପଣଙ୍କୁ ନିଶ୍ଚିତ କରୁଛି ?ଯେ ଆଗାମୀ ଦିନରେ ଆମ ସରକାର ଏବଂ ଅନୁଷ୍ଠାନ ଦଳର ବିଚାରଧାରା ଏବଂ ପଶ୍ଚିମବଙ୍ଗର ସାଂସ୍କୃତିକ ଭାବନା ପ୍ରତି ପ୍ରତିଶ୍ରୁତିବଦ୍ଧ ରହିବ । ଲଷ୍ଟାରରେ ଦିଆଯାଇଥିବା ପ୍ରତିଟି ପ୍ରତିଶ୍ରୁତି ଆମେ ପୂରଣ କରିବୁ ବୋଲି ଶୁଭେନ୍ଦୁ କହିଛନ୍ତି ।ବିଜେପିର ବିଜୟକୁ ପଶ୍ଚିମବଙ୍ଗରେ ଏକ ନୂଆ ରାଜନୈତିକ ସଂସ୍କୃତିର ଆରମ୍ଭ ଭାବେ ବର୍ଣ୍ଣନା କରି ଅଧିକାରୀ କହିଛନ୍ତି, ଦଳର ଫୋକସ୍ ଏବେ ନିର୍ବାଚନୀ ଲଢ଼େଇ ବଦଳରେ ଶାସନ ଉପରେ ଫୋକସ୍ କରିବ । ଆମକୁ ଏକ ବିକଶିତ ବାଙ୍ଗଳା ସୃଷ୍ଟି କରିବାକୁ ପଡ଼ିବ । ଆମକୁ ପଶ୍ଚିମବଙ୍ଗକୁ ମଜିନାଙ୍କ ପାଇଁ ସୁରକ୍ଷିତ କରିବା ଆବଶ୍ୟକତା ଅଛି । ଏକ ଭୟମୁକ୍ତ ପଶ୍ଚିମବଙ୍ଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମକୁ ବିଶ୍ୱାସ ଦେଇଛନ୍ତି । ଏଥିପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ହିଁ ଆମକୁ ସଫଳତା ଦେବ ବୋଲି ଅଧିକାରୀ କହିଛନ୍ତି ।

ଅପରାଧ ରୋକିବା ପାଇଁ ଆମକୁ ଆହୁରି ଯତ୍ନବାନ ହେବାକୁ ପଡ଼ିବ:ମନ୍ତ୍ରୀ

ଭୁବନେଶ୍ୱର,୮/୫(କ୍ୟୁ.ଏ):ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅଧୀନ ରାମଚନ୍ଦ୍ରପୁର କ୍ରିକ୍ ନିକଟରେ ଗତକାଲି ଅପରାହ୍ନରେ ଜିଆପରିରେ କାର୍ଯ୍ୟରତ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଅତି ଅମାନୁଷିକ ଭାବେ ଭିଡ଼ ହିଂସା ଦ୍ୱାରା ମାରି ଦିଆଯିବା ଘଟଣା ନେଇ ରାଜ୍ୟର ଗୁଁଡ଼ି ସହର ପର୍ଯ୍ୟନ୍ତ ଚର୍ଚ୍ଚା ଧରିଛି । ଏହି ଖବର ଏବେ ଜାତୀୟ ଗଣମାଧ୍ୟମରେ ମଧ୍ୟ ପ୍ରସାରିତ ପାଲଟିଛି । ଏହି ଘଟଣା ସହିତ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛନ୍ତି । ମାମଲା ସହିତ ଜଡ଼ିତ ୫ଜଣ ଅଭିଯୁକ୍ତ ଗିରଫ ହୋଇ କେଲ୍ ଯାଇଥିବା ବେଳେ ଅନ୍ୟମାନଙ୍କୁ ଗିରଫ ପାଇଁ ପୁଲିସ ଛାଉଣି ଜାରି ରଖିଛି । ଏହି ଘଟଣା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ଦେଇଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି, ଆଇନକୁ ହାତକୁ ନେବା ଭଳିତ୍ ନୁହେଁ । ସରକାରରେ ଯେଉଁମାନେ ଅଛନ୍ତି ସେମାନଙ୍କ ମୂଳ କାମ ରାଜଧର୍ମ ପାଳନ କରିବା । ଅପରାଧୀ ବଢ଼ିବା ଭଳିତ୍ ନୁହେଁ । ଅପରାଧ ପ୍ରବଣତା ରୋକିବା ପାଇଁ ଆମକୁ ଆହୁରି ଯତ୍ନବାନ ହେବାକୁ ପଡ଼ିବ । ଅପରାଧୀଙ୍କ ବିରୋଧରେ ଆମେ ସଫଳତାର ସହ କାର୍ଯ୍ୟାନୁଷ୍ଠାନ ନେଇଛୁ । ଆଇନକୁ ହାତକୁ ନେବା ଭଳି ଘଟଣା ଯେପରି ନଘଟିବ ସେଥିପାଇଁ ସଚେତନତାର ଜରୁରୀ ଅଛି । ମନ୍ତ୍ରୀ କହିଛନ୍ତି, ଅପରାଧୀଙ୍କ ଭିତରେ ଭୟ ରହୁ ନାହିଁ । ତେଣୁ ସେମାନଙ୍କର ପ୍ରତି ଭୟ ସଂଚାର କରାଯିବା ଭଳିତ । ଅପରାଧ କମାଇବାକୁ ହେଲେ ପୁଲିସ୍ ବିଭାଗରେ କର୍ମଚାରୀ ସଂଖ୍ୟା ବଢ଼ିବା ଦରକାର । ବିରୋଧୀ ଏ ପ୍ରସଙ୍ଗରେ ସମାଲୋଚନା କରିବାର ଅଧିକାର ରହିଛି । ସମାଲୋଚନା ଆମେ ଗ୍ରହଣ କରିଛୁ । ପରନ୍ତୁ ଭିତରେ ତୁ ତୁ ମୈ ମୈ ନହୋଇ ଉଚିତ୍ କାର୍ଯ୍ୟ କରିବୁ ।

ଶୁଭଦିନ
ସେଠୋ ଆରମ୍ଭ
SETHO ARAMBHA
ଶନିବାର, ୦୯ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, ୦୮/୦୫(ଆପ୍ର) : ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖରେ ଓ ବାହୁଡ଼ା ଯାତ୍ରା ଜୁଲାଇ ୨୪ ତାରିଖରେ ଅନୁଷ୍ଠିତ ହେବ । ସୁନାବେଶ ଜୁଲାଇ ୨୫ ଓ ନୀଳାଦ୍ରି ବିଜେ ଜୁଲାଇ ୨୭ ତାରିଖରେ ଅନୁଷ୍ଠିତ ହେବ । ଦେବସ୍ନାନ ପୂର୍ଣ୍ଣିମା ଜୁନ ୨୯ ତାରିଖରେ ଅନୁଷ୍ଠିତ ହେବ । ତେଣୁ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ପ୍ରଥମ ସମନ୍ୱୟ ବୈଠକ ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି କେନ୍ଦ୍ରାଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲ ମହାପ୍ରଭୁଙ୍କ ରଥଯାତ୍ରା ସହ ସମସ୍ତ କାର୍ଯ୍ୟ ମହାପ୍ରଭୁ ନିଜେ ହିଁ ନିର୍ଧାର୍ଯ୍ୟ କରିଥାନ୍ତି । ଆମେ ମାନେ ତାଙ୍କ ନିର୍ଦ୍ଦେଶ ରେ କେବଳ ତାହାକୁ ପରିଚାଳନା କରନ୍ତି । ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ଅଙ୍ଗୀକାର ଭିତିରେ ସମ୍ପୂର୍ଣ୍ଣ କରିବାକୁ ସେ ପରାମର୍ଶ ଦେଇଥିଲେ । ପାରସ୍ପରିକ ସମନ୍ୱୟର ସହ ରଥଯାତ୍ରାକୁ ଆମେ ସଫଳ କରିବା ବୋଲି ରାଜସ୍ୱ ଆୟୁକ୍ତ ଶ୍ରୀ ସାମଲ କହିଥିଲେ । ଚଳିତ ରଥଯାତ୍ରା ରେ ପ୍ରତ୍ୟେକଙ୍କ ମଧ୍ୟରେ ସୁସମନ୍ୱୟ ରଖି ଖୁବ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ପୁରୀ ଲୋକସଭା ସାଂସଦ ଡା ସମିତ ପାତ୍ର ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଶୃଙ୍ଖଳିତ ରଥଯାତ୍ରା ପାଇଁ ବିବିଧ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥଫଡା ସଂଗ୍ରହ, ନୀତି ସଂପାଦନ, ରଥଟଣା ସମ୍ପର୍କରେ ମତଦେଇ ନୀତି ପ୍ରଣୟନ ପ୍ରିୟରଞ୍ଜନ ପୃଷ୍ଟି ତିନି ରଥ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ ଗତବର୍ଷ ର ୪୭ ଖଣ୍ଡ କାଠ କଳି ଥିବାରୁ ଆଉ ୮୧୮ ଖଣ୍ଡ କାଠ ଆବଶ୍ୟକ ଥିଲା । ଉକ୍ତି ମଧ୍ୟରେ ୭୧୦ ଖଣ୍ଡ କାଠ ପ୍ରାପ୍ତ ହୋଇଛି । ଏହି କାଠ ଗୁଡ଼ିକୁ ପର୍ଯ୍ୟାୟ କ୍ରମେ ଜଙ୍ଗଲ ବିଭାଗ ଯୋଗାଇଛନ୍ତି ବୋଲି ସୂଚନା ଦେଇଥିଲେ । ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରା ର ସିଧାସଳଖ ପ୍ରସାରଣ ବ୍ୟବସ୍ଥା, ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା,ଏଲଇଡି ଟିଭି ବ୍ୟବସ୍ଥା,ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ଦ୍ୱାରାନ୍ୱିତ ପାଇଁ ଆୟୁକ୍ତ ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରାଂଚଳ ଆରକ୍ଷୀ ମହାନିରୀକ୍ଷକ ସତ୍ୟଜିତ ନାୟକ, ଦେବୋତର କମିଶନର ସତ୍ୟ ସୁନ୍ଦର ଷଡ଼ଙ୍ଗୀ, ଏସପି ପ୍ରତୀକ ସିଂ,ପୁରୀ ଡିଏଫଓ ଧନଞ୍ଜୀ ରାଓସୋ ମଗର, ପୁରୀ ମହାନଗର ନିଗମର କମିଶନର ସୁଦା ଅରୁଣୁଲା, ପଂଚାୟତରାଜ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଖାଦ୍ୟ ଯୋଗାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ସେବା ଡା ମହେଶ୍ର ମୋହନ ପଣ୍ଡା,ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା ନୀଳକଣ୍ଠ ମିଶ୍ର,ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ପୁଷ୍ପିତା ମହାନ୍ତି, ପୂର୍ତ୍ତ ବିଭାଗ ଚିଫ ଇଞ୍ଜିନିୟର ଶିବତ୍ରତ ତରାଇ, ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାଶ, ଅତିରିକ୍ତ ମଣ୍ଡଳ ଲେଖ ପ୍ରବନ୍ଧକ, ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଲ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ ମହାରଣା, ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ ବିଶୋଷ ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରୁବ ଗଣ୍ଡାୟତ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ସମନ୍ୱୟ ବୈଠକକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ ।

ନାରୀ ଶକ୍ତି ବନ୍ଦନ ପଦଯାତ୍ରା କାର୍ଯ୍ୟକ୍ରମ

ବଣାଇ, ୦୮/୦୫(ଆ.ପ୍ର) : ବଣାଇ ସହରରେ ଭାରତୀୟ ଜନତା ପାର୍ଟି ବଣାଇ ମଣ୍ଡଳ ଓ ସରସରା ମଣ୍ଡଳ ତରଫରୁ ନାରୀ ଶକ୍ତି ବନ୍ଦନ ପଦଯାତ୍ରା ରାଜା ଧରଣୀଧର ଛକ ଠାରୁ କାବେରୀ ଛକ ପର୍ଯ୍ୟନ୍ତ କଂଗ୍ରସ ଓ ବିଜେଡି ବିରୋଧରେ ହଜାର ହଜାର ସଂଖ୍ୟାରେ ମହିଳା ଏକଜୁଟ ହୋଇ ବିଶାଳ ଶୋଭାଯାତ୍ରାରେ ପଦଯାତ୍ରା କରିଥିଲେ । ଏହି ପଦଯାତ୍ରା ୩୩ଟି ମହିଳା ଆରକ୍ଷଣକୁ କେନ୍ଦ୍ରରେ କଂଗ୍ରେସ ଓ ବିଜେଡି ବିରୋଧ କରିଥିଲେ ଯାହା ଫଳରେ ଜାତ ଖାଇଥିଲା । ଆଜି ମହିଳା ମାନେ ଭତକ୍ତ ହୋଇ ରାଜରାସ୍ତାକୁ ଅଟ୍ଟାଳ ନାରୀ ଶକ୍ତିର ଅପମାନ କଂଗ୍ରସ ବେଇମାନ, ବିଜେଡି ଭାର୍ଗବିଙ୍କି ମହିଳା ଆଶା ନାରା ରେଇ ଚାଲିଥିଲେ । ଏହି ପଦଯାତ୍ରାରେ ବଣାଇ ବିଜେପି ମଣ୍ଡଳ ସଭାପତି ମିଥୁନ ପାତ୍ର, ସରସରା ମଣ୍ଡଳ ସଭାପତି ବୀରେନ୍ଦ୍ର ଚନ୍ଦନାୟକ, ଜିଲ୍ଲା ଯୁବମୋର୍ଚା ସଭାପତି ଅବିନାଶ ବ୍ରହ୍ମ, ରାଉରକେଲା ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଡ଼, ରାଉରକେଲା ଜିଲ୍ଲା ସମ୍ପାଦକ ତଥା ବଣାଇ ବିଜେପି ମଣ୍ଡଳ ପ୍ରଭାରୀ ଜୟନ୍ତୀ ମହାନ୍ତ, ଜିଲ୍ଲା ଜୁଷ୍ଟର ମୋର୍ଚା ସଭାପତି ଅନିଲ ମହାନ୍ତ, ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ସୁର୍ଡେଗ ଜିଲ୍ଲା ସଭାପତି ମୋନକ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ରାହାସ ବିହାରୀ ପ୍ରଧାନ, ହେମନ୍ତ କୁମାର ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ବୈକୁଣ୍ଠ ଗଡ଼ଦିଆ, ମହିଳା ମୋର୍ଚା ମଣ୍ଡଳ ସଭାପତି ଶୋଭାମିନୀ ଦଳ ବେହେରା, ଉପ ସଭାପତି ମୋହିନୀ ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋବିନ୍ଦ ସାହୁ, ହେମନ୍ତ କୁମାର ସାହୁ, ଗୁଲୁହ ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ପଦଯାତ୍ରାରେ ଉପସ୍ଥିତ ରହିଥିଲେ । ଶେଷରେ ମହିଳା ଗଣ ବକ୍ତବ୍ୟ ଅଭିଯାନରେ ସାମିଲ ହୋଇଥିଲା ।

ମା' ଭଗବତୀଙ୍କ ଚାପ କ୍ରୀଡ଼ା ଆରମ୍ଭ, ମାଜଣା ପୁଷ୍କରିଣୀରେ ତିନି ଦିନ ଧରି ହେବ ପ୍ରସିଦ୍ଧ ଭଉଁରୀଯାତ୍ରା

ଚିଲିକା ବାଣପୁର, ୦୮/୦୫(ଆ.ପ୍ର) : ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଛି ମା' ଭଗବତୀଙ୍କ ପୀଠରେ ଚନ୍ଦନଯାତ୍ରା । ଚନ୍ଦନ ଦେଇଛି ଶୀତଳ କାରଣ । ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପରୁ ଦେବାଦେବୀଙ୍କ ଶ୍ରୀଅଙ୍ଗକୁ ଶୀତଳ ପ୍ରଦାନ ନିମନ୍ତେ ପ୍ରତ୍ୟହ ଦି ପ୍ରହର ଶଙ୍କୁଡ଼ି ଧୂପ ପରେ ଦେବୀଦେବୀଙ୍କ ଚଳନ୍ତି ପ୍ରତିମାକୁ ପାଟବସ୍ତ୍ର ଓଲାଣି କରାଯାଇ ସୁଗୁନ୍ଧବସ୍ତ୍ର ପତନୀ ପିଶାଯାଇ ଘୋରା ଚନ୍ଦନରେ ସୁବାସିତ ଶ୍ରୀକର୍ପୁର, ଜାଇଫଳ, ଅଗୁରୁ, ଗୋଲାପ ଜଳ ମିଶ୍ରିତ ଲେପ ପ୍ରତିମାଙ୍କ ଦେହରେ ଲେପନ କରାଯାଇ ଶୀତଳକୁ ଶୀତଳ ରଖାଯାଏ ଏବଂ ଅପରାହ୍ନ ପର୍ଯ୍ୟନ୍ତ ମଲ୍ଲୀ ଫୁଲ, ଜାଇ, ଚମ୍ପା, ଗୋଲାପ ପରି ସୁବାସିତ ପୁଷ୍ପ ପରିବେଷିତ ଚନ୍ଦନ କୁଣ୍ଡ ଜଳରେ ପ୍ରତିମାଙ୍କୁ ରଖି ଶୀତଳ ମଣୋହୀ ଆଳତି ପରେ ସଂଧ୍ୟାରେ ରତ୍ନ ସିଂହାସନରେ ବିଜେ କରାଯାଇ ନିଶଙ୍କୁଡ଼ି ଧୂପ ଆଳତି ବଡ଼ିଦା ପରେ ବଡ଼ସିଂହାର ଧୂପ ହୋଇ ପହଡ଼ ପଡ଼େ । ବୈଶାଖ ଶୁକ୍ଳ ତୃତୀୟା ଠାରୁ ଆରମ୍ଭ ଏହି ଚନ୍ଦନ ଯାତ୍ରାର ଶେଷ ତିନିଦିନ ଜ୍ୟେଷ୍ଠ କୃଷ୍ଣଷଷ୍ଠୀ, ସପ୍ତମୀ, ଅଷ୍ଟମୀ ଚନ୍ଦନି ପ୍ରତିମାକୁ ସାଂଧ କାଳର ଶୀତଳ ପବନ ସ୍ପର୍ଶ ନିମନ୍ତେ ମାଜଣା ପୁଷ୍କରିଣୀରେ ଜଳକ୍ରୀଡ଼ା ଚାପଯାତ୍ରା ପାଇଁ ବ୍ୟନ୍ଦନଡଙ୍ଗା ଠାରୁ ବିଜେ କରାଯାଏ । ସେଠାରେ ମା'ଙ୍କ ସହିତ ଶାସନ ଠାକୁର ଠାକୁରାଣୀଙ୍କୁ ପଂଚ ଉପଚାରରେ ଶୀତଳ ମଣୋହୀ କରାଯାଇ ସୁସଜ୍ଜିତ ନୌକାରେ ସାରଅଗର ନୌବିହାର ସାରି ପୁଣି ପୁଷ୍କରିଣୀ କୂଳର ବ୍ରହ୍ମ ଚକ୍ରା କୁ ଓଦ୍ଧାଇ ଶୀତଳ ମଣୋହୀ ଆଳତି ସାରି ଦ୍ୱିତୀୟ ନୌବିହାର ପରେ ମଧ୍ୟରାତ୍ରରେ ଦେବୀ ଦେବୀ ମାନେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ପରେ ବଡ଼ସିଂହାର ଧୂପ ହୋଇ ରାତ୍ର ପହୁଡ଼ ନୀତିକାନ୍ତି ହେବାର ପରମ୍ପରା କାଳି କେଉଁ କାଳରୁ ଚଳିଆସିଛି । ମା'ଙ୍କ ବାରମାସର ଚାରେ ଯାତ୍ରା ମଧ୍ୟରୁ ପ୍ରସିଦ୍ଧ ଭଉଁରୀ ଯାତ୍ରା ଅନ୍ୟତମ । ଦେବୀ ଠାକୁରାଣୀ ବର୍ଷରେ ଦୁଇଥର ନୌବିହାର କରନ୍ତି । ଭାଦ୍ରବ ଶୁକ୍ଳ ସପ୍ତମୀରେ ଚିଲିକାରେ ନୌବିହାର ଏବଂ ଜ୍ୟେଷ୍ଠ କୃଷ୍ଣଷଷ୍ଠୀ, ସପ୍ତମୀ, ଅଷ୍ଟମୀ ତିନିଦିନ ଧରି ଗୋପାଳପୁର ଶାସନର ମାଜଣା ପୁଷ୍କରିଣୀରେ ମା' ସାଆନ୍ତାଣିଙ୍କ ଚାପ କ୍ରୀଡ଼ା ଓ ଭଉଁରୀ ଯାତ୍ରା ସମସ୍ତ ଭକ୍ତଙ୍କରେ ନିଆରା ପରମ୍ପରା । ବାଣପୁର ଅଂଚଳର ଆଠ ବ୍ରାହ୍ମଣଶାସନ ମଧ୍ୟରୁ ତିନି ଶାସନ ଗୋପାଳପୁର, କୋଟ ବିଦ୍ୟାଧରପୁର ସହିତ ପାଟପୁର ଶାସନବାସୀଙ୍କ ନିମନ୍ତ୍ରଣ କ୍ରମେ ମା' ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ଷୋମ୍ବେଶ୍ୱରୀ, ଶ୍ରୀ ଶ୍ରୀ ଦଣ୍ଡେଶ୍ୱର ଦେବ, ଶ୍ରୀ ଶ୍ରୀ ଗୋପୀନାଥ ଦେବଏବଂ ଶ୍ରୀ ଶ୍ରୀରଜନାଥ ଦେବ ନିଯୋଗୀ ସେବାୟତଙ୍କ ସହିତ ଆଟ ପଟୁଆର ସଂଗଟସଂଗ ଲାଇନୀ ବାଜା ରୋଶଣୀରେ ଗୋପାଳପୁର ନିକଟସ୍ଥ ମାଜଣା ପୁଷ୍କରିଣୀ କୂଳରେ ଚନ୍ଦନକଳାଡ଼ରେ ପହଞ୍ଚିବା ପରେ ଏହି ଯାତ୍ରା ଆରମ୍ଭ ହୁଏ । ଚଳିତ ବର୍ଷ ମନ୍ଦିର ଦେବୋତର କାର୍ଯ୍ୟାଳୟ ସହିତ ପାଟପୁର କୋଟପୁର ଓ ଗୋପାଳପୁର ଶାସନବାସୀଙ୍କ ତରଫରୁ ସମ୍ପନ୍ନ ପ୍ରକାର ବ୍ୟବସ୍ଥା ସହିତ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ରାମନାଟକ ଆୟୋଜନ କରାଯାଇଥିବା କଥା ମୁଖ୍ୟ ସଂଯୋଜକ ମହେଶ କୁମାର ଦାଶଙ୍କ ଠାରୁ ପ୍ରକାଶ ।

୪୧ ବର୍ଷ ପରେ ପୁରୁଣା ସ୍ମୃତି ଉଦ୍‌ଜିବିତ

ଚିଲିକା, ୦୮/୦୫(ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା କୁହୁଡି ସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟର ୧୯୮୫ମସିହା ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀ ମାନେ ଦୀର୍ଘ ୪୧ ବର୍ଷ ପରେ ଏକାଠି ହୋଇ ପିଲା ଦିନର ସ୍ମୃତିକୁ ସାଉଁଟିବା ପାଇଁ ସ୍ଥାନୀୟ ଛଇଡିପୁର ସ୍ଥିତ ମା' ରନ୍ଦାମାଳୀ ମନ୍ଦିର ପରିସରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୪୧ବର୍ଷ ମଧ୍ୟରେ ସେତେବେଳର କିଛି ଶିକ୍ଷକ ଓ କିଛି ସାଙ୍ଗ ମୃତ୍ୟୁ ହୋଇଯାଇଛି । ସେମାନଙ୍କ ଉଦ୍ୟେଶ୍ୟରେ ପ୍ରଥମେ ଏକ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଏକ ସଭା ମାଧ୍ୟମରେ ନିଜର ପୁରୁଣା ସ୍ମୃତିକୁ ନିଜ ନିଜ ମଧ୍ୟରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ । ଏହି ଆଲୋଚନା ବେଳେ ପିଲା ଦିନରେ ସାରଙ୍କ ବେତମାଡ଼ ଓ ଜେତେବେଳେ ସାଙ୍ଗସାଥୁ ଖେଳ ଓ ପୂଜାପୂର୍ଣ୍ଣ ସମୟରେ ମଜଜ, ବଜଜ, ମିତ ସଙ୍ଗାତ ସହ ପୁଚି କବାଡି ଖେଳକୁ ମନ ପକାଇ ଭାବବିହ୍ୱଳ ହୋଇଯାଇଥିଲେ ସାଙ୍ଗସାଥୁ । ଏଇଠି ବିଭିନ୍ନ ନିଜ ନିଜର କଥା ଓ ବ୍ୟଥା ନିଜ ନିଜ ଭିତରେ ଭାରର ଆଦାନ ପ୍ରଦାନ କରିଥିଲେ । ରାମ ନାୟକ, ବସନ୍ତ ସାହୁ, ତପନ ପାଣି, ରମେଶ ବିଶ୍ୱାଳ, ବିଭୂତି ଚମ୍ପତି, ନୃସିହ ଚମ୍ପତି, ଗଙ୍ଗା ଦାଶ, କଳ୍ୟାଣୀ ବେଗିଗଞ୍ଜନ, ଙ୍ଗୁଲ ବରାଳ, ମିନତା ଉଗିନନ୍ଦନ, ଉଷା ପାତ୍ର, କଳ୍ୟାଣୀ ବିଶ୍ୱାଳ, ସୁନୀଲ ସାମନରାୟ, ପ୍ରଫୁଲ ସାମନ୍ତସିଂହାର, ସେକ ମଜି, ରାମଚନ୍ଦ୍ର ସୁଦ୍ଧୀ, ପୁଷ୍ପଲତା ଶ୍ରୀଚନ୍ଦନ ସମେତ ୬୦ରୁର୍ଦ୍ଧ ସାଙ୍ଗସାଥୁ ଏକାଠି ହୋଇଥିଲେ । ଆଗାମୀ ଦିନରେ ଅନେକ ସାମାଜିକ କାର୍ଯ୍ୟ କରିବାକୁ ସର୍ବ ସମ୍ମତିରେ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି ।

ବାର୍ଦ୍ଧକ୍ୟ ଭତାରୁ ବଂଚିତ ୯୭ ବର୍ଷର ବୃଦ୍ଧ

ଯାଜପୁର, ୦୮/୦୫(ଆ.ପ୍ର) : ଯାଜପୁର ବ୍ଲକ ଅନ୍ତର୍ଗତ ଜାଳୁପୁର ପଂଚାୟତ ର ବାସୁଦେବପୁର ଗ୍ରାମର ରାମଚନ୍ଦ୍ର ଦାସ ।ବୟସ ପାଖାପାଖି ଶହେ ଧରିବ । କିନ୍ତୁ ଯାଜପୁର ଭଳି ଏକ ବିଜଶିତ ଜିଲ୍ଲାରେ ଏଭଳି ଏକ ସମ୍ବେଦନଶୀଳ ଦୃଶ୍ୟ ଦେଖିବାକୁ ମିଳିଛି । ସେ ମଧ୍ୟ ପେଶା ରେ ଜଣେ କଳାକାର ଅଟନ୍ତି । ପରିବାର ରେ ସାହାରା ବୋଲି ବିବାଦିତ ଝିଅ ।ଗଣ୍ଡେ ରୋଷେଇ କରିବା ହେଲେ ବାପାଙ୍କ ପେଟକୁ ଦାନା ଖଣ୍ଡେ ଯିବ । ନହେଲେ ବୁଢ଼ା ଛତୁଆଙ୍କୁ ଭରସା । ବୃଦ୍ଧଙ୍କୁ ୬୦ ବର୍ଷ ପରେ ୬ ଜଣ ସରପଂଚ ଗଲେଣି । ହେଲେ ତାଙ୍କ କଥା କେହି ଶୁଣୁ ନାହାନ୍ତି । ବୟସ ଅତିକ୍ରମ କରିବା ପରେ ଭଲଭାବେ ଚାଲିବୁଲି ପାରୁନାହିଁ । ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଜିଲ୍ଲାପାଳ ମହୋଦୟ ତାଙ୍କ ଦୁଃଖ ଦୁଃଖିତ ପାଇଁ । ଜିଲ୍ଲା ପ୍ରଶାସନ ପଶରୁ ଏଥିପ୍ରତି ବୃଦ୍ଧି ଆକର୍ଷଣ କରିବା ସହିତ ବୁଢ଼ନ୍ତ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ବାକି ହୋଇଛି ।

ଭଦ୍ରକରେ ବିଶ୍ୱ ରେଡକ୍ରସ ଦିବସ ପାଳିତ

ଭଦ୍ରକ, ୦୮/୦୫(ଆ.ପ୍ର) : ବିଶ୍ୱ ରେଡକ୍ରସ ଦିବସ ଅବସରରେ ଭଦ୍ରକ ଜିଲ୍ଲା ରେଡକ୍ରସ ଶାଖା ପଶରୁ ଆଜି ଭଦ୍ରକ କଲେକ୍ଟରେଟ୍ ସଭାଗୃହ କକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରେଡକ୍ରସର ସ୍ଥାପକ ଜିନ୍ ହେନ୍ରୀ ଡୁନାଂଟଙ୍କ ଜନ୍ମଦିନ ଅବସରରେ "United in Humanity" ଥିମକୁ ନେଇ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ସକାଳ ୯ଟାରେ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ ଶାଖାର ଅଧ୍ୟକ୍ଷ ବିଳାସ ରାଉତରାଏଙ୍କ ଦ୍ୱାରା ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ପରେ କଲେକ୍ଟରେଟ୍ ସଭାଗୃହ ପ୍ରାଙ୍ଗଣରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହାସହ କଲେକ୍ଟରେଟ୍ ପରିସରରେ ରକ୍ତଦାନ ଶିବିରର ଉଦ୍ଘାଟନ ହୋଇଥିଲା । ସକାଳ ୧୧ଟାରେ ବିଶ୍ୱ ଶାନ୍ତି ଓ ମାନବତାର କାମନାରେ ଉପସ୍ଥିତ ସମସ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଜିଲ୍ଲା ରେଡକ୍ରସ ଶାଖାର ସଚିବ ଡେପୁଟୀ କଲେକ୍ଟର ଡ (ଜଗୁରୀକାନାନୀ) ଲୋକନାଥ ପ୍ରସାଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ୨୦୨୫-୨୬ ବର୍ଷର କାର୍ଯ୍ୟକଳାପ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ଏହି ଅବସରରେ ବିଶିଷ୍ଟ ସଦସ୍ୟମାନେ ରେଡକ୍ରସର ମାନବସେବା, ରକ୍ତଦାନ ଓ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ତାଙ୍କ ଉଦ୍ବୋଧନରେ ରେଡକ୍ରସ ସେବାକୁ ମାନବତାର ସର୍ବୋଚ୍ଚ ପରିଚୟ ବୋଲି କହିବା ସହ ସମସ୍ତଙ୍କୁ ସ୍ୱେଚ୍ଛା ରକ୍ତଦାନ ଓ ସାମାଜିକ ସେବାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ । ଏହି ଶୁଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ୍ ଶାଖାର ଉପାଧ୍ୟକ୍ଷ ରବି ନାରାୟଣ ସାହୁ, ଡେପୁଟି କଲେକ୍ଟର ଲୋକନାଥ ପ୍ରସାଦ ସେଠୀ, ରେଡକ୍ରସ୍‌ର ଯୁଗ୍ମ ସମ୍ପାଦିକା ବିଶ୍ୱଜିତା ବିଶ୍ୱାଳ, ଲାଯନ୍ସ୍ ମେୟର ଅତିଶ ବେହେରା, ମନୋରଞ୍ଜନ ଦାସ, ଶରତ ଆଚାର୍ଯ୍ୟ, ବସନ୍ତ ଦାସ, ରାଜ୍ୟଲତା ଗାହାଣ ପ୍ରମୁଖ ଉପସ୍ଥିତ ଥି

ଶୈଳଶିଖର
ଆରମ୍ଭ
SEITHO ARAMBHA
ଶନିବାର, ୦୯ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୩

ବିଦ୍ୟୁତ ଚୋରି ଏବଂ ଏନଫୋର୍ସମେଂଟ ମାମଲାର ହେବ ସହଜ ସମାଧାନ

ଟିପିଏନଓଡିଏଲ୍ ପକ୍ଷରୁ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ

ବାଲେଶ୍ୱର, ୦୮/୦୫(ଆ.ପ୍ର) : ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଜି ନିଜର ସେବାଯୋଗାଣ ଅଂଚଳରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଆୟୋଜନ କରାଯାଉଛି । ଟିପିଏନଓଡିଏଲ୍‌ର କ୍ଷେତ୍ରାଧିକାର ଅନ୍ତର୍ଗତ ବାଲେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ ଏବଂ ବାରିପଦା ସର୍କଲର ବିଭିନ୍ନ ବିଭିଜନ ଓ ସବ-ଡିଭିଜନ କାର୍ଯ୍ୟାଳୟ ସମେତ ନିର୍ଦ୍ଧାରିତ କୋର୍ଟ ପରିସରରେ ଏହି ଲୋକ ଅଦାଲତ ପରିଚାଳିତ ହେଉଛି । ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ର ନିୟମ ଅନୁଯାୟୀ ଆୟୋଜିତ ଏହି ପରମ୍ପରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାମାନଙ୍କୁ ବିଚାରଧୀନ ଏନଫୋର୍ସମେଂଟ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସହଜ, ସ୍ୱଚ୍ଛ ଏବଂ ସମ୍ମତିଭିତ୍ତିକ ପ୍ଲାଟଫର୍ମ ପ୍ରଦାନ କରିବା । ଏହି ସମାଧାନ ଶିବିର ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି, ଯେଉଁଠାରେ ଉପଭୋକ୍ତାମାନେ ବିଚାରକ ମୀମାଂସା ପାଇଁ ସହାୟତା ପାଇପାରିବେ । ଉପଭୋକ୍ତାମାନଙ୍କୁ ବସ୍ତାବିଜି, ଯୋଗ୍ୟତା ମାପଦଣ୍ଡ ଏବଂ ସମାଧାନ ପ୍ରକ୍ରିୟାରେ ସାହାଯ୍ୟ କରିବା ପାଇଁ ସମସ୍ତ ନିର୍ଦ୍ଧାରିତ ସ୍ଥାନରେ ଏନଫୋର୍ସମେଂଟ ଅଧିକାରୀ, ଆଇନଜୀବୀ ଏବଂ ସହାୟକ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି । ଆଇନଗତ ଜର୍ଡ଼ିପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଜାତୀୟ ଲୋକ ଅଦାଲତ କହୁଦିନରୁ ଅଟକି ରହିଥିବା ବିଦ୍ୟୁତ ସମ୍ବନ୍ଧୀୟ ବିବାଦଗୁଡ଼ିକୁ କମ୍ କରିବାରେ ସହାୟକ ହେବ । ଏହା ଉପଭୋକ୍ତାମାନଙ୍କ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବା ସହିତ ଏକ ସ୍ୱଚ୍ଛ ବିଦ୍ୟୁତ ପରିଚାଳନା ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ଭାଗିଦାରୀତ୍ୱକୁ ଉତ୍ସାହିତ କରିବ । ଟିପିଏନଓଡିଏଲ୍ ପକ୍ଷରୁ ବିଚାରଧୀନ ଏନଫୋର୍ସମେଂଟ ମାମଲା ଥିବା ଉପଭୋକ୍ତାମାନଙ୍କୁ ଏହି ସୁଯୋଗର ଉପଯୋଗ କରି ଆପୋଷ ବୁଝାମଣା କରିଆରେ ବିବାଦର ସମାଧାନ କରି ଭବିଷ୍ୟତର ଆଇନଗତ ଜିମ୍ମା ଆଡ଼ୁଳି ଜଟିଳତାରୁ ବଞ୍ଚିବା ପାଇଁ ଅନୁରୋଧ କରାଯାଉଛି । ଲୋକ ଅଦାଲତ ସମ୍ବନ୍ଧୀୟ ସୂଚନା ସମ୍ବନ୍ଧିତ ଡିଭିଜନ ଏବଂ ସବ-ଡିଭିଜନ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି, ଏବଂ ଉପଭୋକ୍ତାମାନେ କୌଣସି ବି ସହାୟତା ବା ପରାମର୍ଶ ପାଇଁ ସେମାନଙ୍କ ନିକଟସ୍ଥ ଟିପିଏନଓଡିଏଲ୍ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ ।

ବସ୍ତା ବିଧାୟିକାଙ୍କ ପକ୍ଷରୁ ବାଲିଆପାଳ ବ୍ଲକରେ ସ୍ୱତନ୍ତ୍ର ଜନ ଶୁଣାଣି ଶିବିର ଅନୁଷ୍ଠିତ

ଝରପାପଡା, ୦୮/୦୫(ଆ.ପ୍ର) : ବାଲିଆପାଳ ବ୍ଲକରେ ବୁଧବାର ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବାଲିଆପାଳ ବ୍ଲକର ବିଭିନ୍ନ ପଂଚାୟତର ନିର୍ବାଚିତ ପ୍ରତିନିଧି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ବିଧାୟିକା ଶ୍ରୀମତୀ ଜେନା ଅଂଚଳର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ବାବଦରେ ଆଲୋଚନା କରିଥିଲେ । ମୁଖ୍ୟତଃ ଗ୍ରାମସଭାରେ ତାଲିମ ବୁଲ୍ଲ ଯୋଜନା ଗୁଡ଼ିକ ପାସ ନହୋଇ ଶୂନ୍ୟରେ ହେଉଥିବା ଯୋଜନା ଗୁଡ଼ିକ ଜିଲ୍ଲା କାର୍ଯ୍ୟାଳୟ ରୁ ପାସ କିପରି ହେଉଛି ବୋଲି ଶ୍ରୀରାମପୁର ପଂଚାୟତର ସରପଂଚ ଦେବ କୁମାର ଚେଟ ଓ ଅଷ୍ଟି ପଂଚାୟତର ସରପଂଚଙ୍କ ସ୍ୱାମୀ ହରେକୃଷ୍ଣ ଜେନା ଅଭିଯୋଗ କରିଥିବା ବେଳେ ତଗରା ପଂଚାୟତର ସରପଂଚ ସତ୍ୟାନନ୍ଦ ମହାନ୍ତି ବ୍ୟାଙ୍କ ଦ୍ୱାରା ପେନସନ ପାଉଥିବା ହିତାଧିକାରୀ ମାନେ ଦୁଇ ମାସ ଧରି ପେନସନ ପାଉନଥିବା ନେଇ ଅଭିଯୋଗ କରିଥିଲେ । ହେତିପରି ନିଷ୍ପତ୍ତା ସଂଚାୟତର ପୂର୍ବତନ ସରପଂଚ ସପନ ଦାସ ବିଧାୟିକାଙ୍କ ଅନୁମୋଦନରେ ହେଉଥିବା ଯୋଜନା ଗୁଡ଼ିକୁ ସରକାରୀ ଦରର ଲୋକମାନେ ଜୋର ଜବରଦସ୍ତ କାର୍ଯ୍ୟ କରିବା ଓ ସେମାନଙ୍କୁ କାର୍ଯ୍ୟ ଦେବାପାଇଁ କିଛି ଜେଇଙ୍କ ଉପରେ ରାଜନୈତିକ ପ୍ରେସର ହେଉଛି ବୋଲି ଧିଧା ଧିଧା କିଛି ଜେଇ କହୁଥିବାର ମଧ୍ୟ ସେ ଅଭିଯୋଗ କରିଥିଲେ । ଏହି ପରି ବିଭିନ୍ନ ପଂଚାୟତରେ ବିଭିନ୍ନ ପ୍ରକାର ଅଭିଯୋଗ ଆସିଥିଲା । ସେହି ଅଭିଯୋଗ ମୂଳେ ଆସୁଥିବା ଅଂଚଳ ବାସୀଙ୍କ ସମସ୍ୟା ଗୁଡ଼ିକୁ ଯଥା ଶୀଘ୍ର ସମାଧାନ ପାଇଁ ବିଧାୟିକା ଶ୍ରୀମତୀ ଜେନା ବିଡିଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ, ଏ ବି ଡି ଓ ଶରତ ଚନ୍ଦ୍ର ମୁଦୁଲି,ସହକାରୀ ଯତୀ ଅମିତ କୁମାର ମୁର୍ମୁ, ଯୋଗଣ ଅଧିକାରୀ ବିଷ୍ଣୁପଦ ମହାରଣା, ଟିପିଓ ପ୍ରିୟବ୍ରତ ଗିରି,ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥୀ ସାହୁ, ଅବସର ପ୍ରାପ୍ତ ବିଡିଓ ଦୀପକ ଦାସଙ୍କ ସହିତ ବ୍ଲକ ସମସ୍ତ ଲାଇନ ଡିପାର୍ଟମେଂଟର କର୍ମଚାରୀ ଉପସ୍ଥିତି ଥିଲେ ।

ବାଲେଶ୍ୱରରେ ବ୍ରାଉନ୍‌ସୁଗାର କାରବାରର ରାକେଟ୍ ବିଷୟରେ 'ମନା'ର ଉଦ୍‌ବେଗ

ବାଲେଶ୍ୱର, ୦୮/୦୫(ଆ.ପ୍ର) : ମିଳିତ ନିଶା ନିବାରଣ ଅଭିଯାନ 'ମନା'ର ପଞ୍ଚମ ମାସିକ ବୈଠକ ଶୁକ୍ରବାର ଦିନ ନେତାଜୀବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଚଳିତ ବର୍ଷ ଏପ୍ରିଲ୍ ୧୯ ତାରିଖରେ ହୋଇଥିବା ବାର୍ଷିକ ସାଧିକନୀର ବିବରଣୀ ପାଠ କଲାପରେ ସମ୍ପାଦପତ୍ରରେ ପ୍ରକାଶିତ ହୋଇଥିବା ବାଲେଶ୍ୱରରେ ବ୍ରାଉନ୍‌ସୁଗାର ଭଳି ମାଲାମୁଲ ନିଶା କାରବାରର ରାକେଟ୍ ବିଷୟରେ ଉପସ୍ଥାପନା କରିଥିଲେ । ଉପସ୍ଥିତ ସଦସ୍ୟ ସଦସ୍ୟାମାନେ ଏହି ବିଷୟରେ ଗଭୀର ଉଦ୍‌ବେଗ ପ୍ରକଟ କରିଥିଲେ ଓ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କଠାରେ ଦାବି କରିବା ପୁସ୍ତାବ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା । ଉପସ୍ଥେଷ୍ଟା ସୁପ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, ଜଳଧାଣୀ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଗାଡ଼ାଖଣ୍ଡି ସିଂହ, ତ୍ରିଦିବ ନାୟକ, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଶଶାଙ୍କ ଶେଖର ବଳ, ଭାସ୍କର ଚନ୍ଦ୍ର ମିଶ୍ର, ଜମାଳାଳନ୍ତ ଦାଶ, ରବିନାରାୟଣ ଭୋଜ, ଭୂପତି ଭୂଷଣ ଦାସ, ସଞ୍ଜୟ କୁମାର ପଣ୍ଡା (ଖ), ଅକ୍ଷୟ କୁମାର ତ୍ରିପାଠୀ, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ପ୍ରଭାକର ସାହୁ (ଖ) ଧନ୍ୟବାଦ ଅର୍ପଣ କରିଥିଲେ ।

ନିଟ ପରୀକ୍ଷାରେ ଭଲ ପ୍ରଦର୍ଶନ କରିନଥିବା ଜାଣି ଫ୍ୟାନରେ ଗଣି ଲଗାଇ ଛାତ୍ରଙ୍କ ଆତ୍ମହତ୍ୟା

ଭଦ୍ରକ, ୦୮/୦୫(ଆ.ପ୍ର) : ନିଟ ପରୀକ୍ଷାରେ ଭଲ ପ୍ରଦର୍ଶନ କରି ନ ଥିବା ଜାଣି ଫ୍ୟାନରେ ଗଣି ଲଗାଇ ଜଣେ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ମୃତ ଛାତ୍ର ହେଉଛନ୍ତି ଜ୍ୟୋତି ପ୍ରକାଶ ବାରିକ । ତିହିଡି ଥାନା ଅଧିକସ୍ଥ ନୂତନ ଗ୍ରାମରେ ଜ୍ୟୋତିପ୍ରକାଶଙ୍କ ଘର । ବାପ ଚା ଦୋକାନ ଲୁ ମାଆ ଯାଇଥିବା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଭଦ୍ରକ ସ୍ଥିତି ଭଡ଼ା ଘରେ କରିଛି ଆତ୍ମହତ୍ୟା । ସୂଚନା ଅନୁଯାୟୀ ତିହିଡ଼ି ଥାନା ଅଧିକସ୍ଥ ନୂତନ ଗ୍ରାମର ଗିରିଧାରୀ ବାରିକ ଦୀର୍ଘ ବର୍ଷ ହେବ ଭଦ୍ରକ ସହରରେ ଏକ ଭଡ଼ା ଘରେ ରହି ଚା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ । ଘରେ ପତ୍ନୀ ଓ ପୁଅ ଜ୍ୟୋତିପ୍ରକାଶ ମଧ୍ୟ ରହୁଥିଲେ । ପୁଅ ଜ୍ୟୋତି ପ୍ରକାଶ ଚଳିତ ବର୍ଷ ନିଟ ପରୀକ୍ଷା ଦେଇଥିଲେ । ତେବେ ପ୍ରଥମ ପରୀକ୍ଷାରେ ବିଫଳ ହେବା ପରେ ଗତ ରବିବାର ଦିନ ଦ୍ୱିତୀୟ ଥର ପରୀକ୍ଷା ଦେବା ପରେ ଘରେ ଆସି ନିଜେ ମାର୍କ କରିଥିଲେ । ତେବେ ମାର୍କିଂ ସମୟରେ ପରୀକ୍ଷାରେ ଭଲ ପ୍ରଦର୍ଶନ କରି ନ ଥିବା ଜାଣିବାକୁ ପାଇଥିଲେ । ପରୀକ୍ଷା ଫଳ ଏଥର ମଧ୍ୟ ଖରାପ ହେବ ବୋଲି ସନ୍ଦେହ କରି ବାପା ଓ ମାଆ ଚା ଦୋକାନରେ ଥିବାବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଜ୍ୟୋତିପ୍ରକାଶ ଫ୍ୟାନରେ ଗଣି ଲଗାଇ ଆତ୍ମହତ୍ୟା କରିଛନ୍ତି ।

ଓଡିଶା ପୋଲିସ ଓ ୟୁନିସେଫର ସଚେତନତା କାର୍ଯ୍ୟକ୍ରମ

ସିମୁଳିଆ, ୦୮/୦୫(ଆ.ପ୍ର) : ଓଡିଶା ପୋଲିସ ଓ ୟୁନିସେଫ ମିଳିତ ଆନୁକୂଲ୍ୟରେ 'ଜୁଭେଂଟିକା' ସଚେତନତା କାର୍ଯ୍ୟକ୍ରମ ସିମୁଳିଆ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ସିମୁଳିଆ ଥାନାଧିକାରୀ ଦେବବ୍ରତ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସବ ଇନ୍‌ସପେକ୍ଟର କ୍ଷୀରୋଦ ଦାସ, ସିଡିପିଓ ଖୁଲଣା ସୁନରୀ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଚେତନତାର ଶିଶୁ ଓ ମହିଳାମାନେ କିପରି ନିଶ୍ଚୟତାରେ ପୋଲିସର ସହାୟତା ନେଇ ପାରିବେ ମୁଖ୍ୟ ଭାବେଦ୍ୟ ଆଭାସି ମାଧ୍ୟମରେ ଦେଖା ଯାଇଥିଲା । ପରେ ଥାନା ପରିସରରେ ଥିବା ଫୁଲ ବଗିଚା ଦେଖାଇବା ସହ ପୋଲିସ ସେମାନଙ୍କ ଜଣ କାର୍ଯ୍ୟ କରୁଛି ଆମ ପରିସରରେ ବୁଲାଇ ଦେଖାଇବା ସହ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ସିମୁଳିଆ ପୋଲିସର ସମସ୍ତ କର୍ମୀ, ଆଙ୍ଗନବାଡି କର୍ମୀ, ଆଶା ଓ କିଶୋର, କିଶୋରୀ ମାନେ ସାମିଲ ଥିଲେ ।

ଓଲଙ୍ଗ ମହିଳା ଜନ ଆକ୍ରୋଶ ମହିଳା ସମାବେଶରେ ଯୋଗଦେଲେ ବିଧାୟକ ସୀତାଂଶୁ

ଭଦ୍ରକ, ୦୮/୦୫(ଆ.ପ୍ର) : ଆଜି ଭଦ୍ରକ ବ୍ଲକ ଅନ୍ତର୍ଗତ ଓଲଙ୍ଗ ର ନୋଡାଲ ସ୍କୁଲ୍ ନିକଟରେ ଦେବର କୃଷ୍ଣ ମଣ୍ଡଳ ପକ୍ଷ ରୁ ଏକ ବିଶାଳ ମହିଳା ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଛି । ଶହ ଶହ ସଂଖ୍ୟାରେ ମହିଳା ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ଓଲଙ୍ଗ ସ୍କୁଲ ଠାରୁ ଫିସରୀ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଏକତ୍ରିତ ହୋଇଥିଲେ । ଭଦ୍ରକ ବିଧାୟକ ଶିତାଂଶୁ ଶେଖର ମହାପାତ୍ର, ଜିଲ୍ଲା ସଭାନେତ୍ରୀ ଗମିତା ପାଢ଼ୀ, ସମ୍ପାଦିକ ଅନୁସୟା ପଣ୍ଡା ଦେବର କୃଷ୍ଣ ମଣ୍ଡଳ ସଭାପତି ଲକ୍ଷ୍ମଣ ମୁଦୁଲି, ମଣ୍ଡଳ ସଭା ନେତ୍ରୀ ସମ୍ବିତା ପାଣିଗ୍ରାହୀ, ଦେବରକୃଷ୍ଣ ମଣ୍ଡଳ ସଭାରେ ଆୟୋଜିତ "ମହିଳା ଆକ୍ରୋଶ ଶୋଭାଯାତ୍ରା"ରେ ମାତୃଶକ୍ତିଙ୍କ ନାରୀ ସମ୍ମାନ, ସୁରକ୍ଷା ଓ ଅଧିକାର ପାଇଁ ମାତୃଶକ୍ତିଙ୍କ ଆତ୍ମବିଶ୍ୱାସ, ଜାଗୃତି ଓ ସଂଘର୍ଷମୟ ସ୍ୱର ହେଉଛି ସଶକ୍ତ ଭାରତ ଗଠନର ମୂଳ ଆଧାର । କଂଗ୍ରେସ ଓ ତାଙ୍କ ସମର୍ଥିତ ଦଳମାନଙ୍କ ଦ୍ୱାରା ନାରୀ ସମ୍ମାନକୁ ଅବମାନିତ କରୁଥିବା ମନୋଭାବ ବିରୋଧରେ ଏହି ଜନଆକ୍ରୋଶ ହେଉଛି ଲୋକମାନଙ୍କ ଦୃଢ଼ ସ୍ୱର । ନାରୀ ସମ୍ମାନ ସହ ଲୌଜସି ପ୍ରଜାରର ଅନ୍ୟାୟକୁ ଜେବେ ମଧ୍ୟ ବରଦାସ୍ତ କରାଯିବ ନାହିଁ । ସଭାନେତ୍ରୀ କହିଥିଲେ ।ବିରୋଧୀ କଂଗ୍ରେସ ଦଳ ମା' ମାଳଙ୍କୁ ଅସମ୍ମାନ ଓ ମହିଳା ସଂରକ୍ଷଣ ବିଲ୍ ବିରୋଧକୁ ନେଇ ନାରୀନେତ୍ରୀ ମଣ୍ଡଳ ସଭାପତି ବକ୍ତବ୍ୟ ରଖିଥିଲେ ଆଗାମୀ ଦିନରେ ମହିଳା ମାଳଙ୍କୁ ଏହି ଅବହେଳାରେ କଂଗ୍ରେସ ଦଳ ସତ୍ୟ ହଇଲାବ ବୋଲି ବକ୍ତବ୍ୟରେ କହିଥିଲେ ପଦାଧିକାରୀ । ଏହି ଅବସରରେ ରାଜୁଲ ଗାନ୍ଧୀ କୁଶ ପୁତଳିକା ଦାହ କରାଯାଇଥିଲା ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ପୋଥିଦାନ ମହାପୁଣ୍ୟ' କାର୍ଯ୍ୟକ୍ରମ

ନୀଳଗିରି, ୦୮/୦୫(ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ, ଓଡ଼ିଆ ଭାଷା ଓ ପ୍ରାଚୀନ ସାହିତ୍ୟ ସଂରକ୍ଷଣକୁ କେନ୍ଦ୍ର କରି "ପୋଥିଦାନ ମହାପୁଣ୍ୟ" କାର୍ଯ୍ୟକ୍ରମ ଏକ ଆକର୍ଷଣୀୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତାଳପତ୍ର ଖୋଦିତ ପୋଥି ସଂରକ୍ଷଣ ଓ ଓଡ଼ିଆ ଐତିହ୍ୟର ପୁନରୁଦ୍ଧାର ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ତାଳପତ୍ର ପୋଥି ଓଡ଼ିଆ ଜାତିର ଅମୂଲ୍ୟ ସଂସ୍କୃତିର ସମ୍ପଦ । ଏହାର ସଂରକ୍ଷଣ ଓ ଗବେଷଣା ମାଧ୍ୟମରେ ଆମ ଭାଷାର ଐତିହ୍ୟକୁ ଆଗାମୀ ପିଢ଼ୀ ପାଖରେ ପହଂଚାଇବା ଆବଶ୍ୟକ । ବିଶ୍ୱବିଦ୍ୟାଳୟ ଏହି ଦୁର୍ଲଭ ପୋଥିଗୁଡ଼ିକର ସଂରକ୍ଷଣ ଓ ଡିଜିଟାଲ ଆର୍କାଇଭ ପ୍ରସ୍ତୁତି ପାଇଁ ପରମ୍ପରା ଜେବ ବୋଲି ସେ କହିଥିଲେ । ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନର ସଭାପତି ଡକ୍ଟର ଚୌଧୁରୀ ସତ୍ୟବ୍ରତ କହ ଆଜ ଉପବୋଧନରେ କହିଥିଲେ ଯେ, ମାତୃଭାଷାର ମୂଳ ସଂସ୍କୃତିକ ଅଧାର ହେଉଛି ଏହି ପୋଥି ପରମ୍ପରା । ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକ ଏହି ପୁରାତନ ଧରୋହର ସୁରକ୍ଷାରେ ସାମିଲ ହେବା ଜରିତ । ସେ କହିଥିଲେ ଯେ, ଏହି ପୋଥିଗୁଡ଼ିକ କେବଳ ଲେଖା ନୁହେଁ, ଏଗୁଡ଼ିକ ଆମ ଜାତିର ଐତିହାସିକ ସ୍ମୃତିଚିହ୍ନ । ଏଥିସହିତ ସମ୍ପାଦକ ଡ଼ କୃଷ୍ଣ ଲଣ୍ଡାଳାଙ୍କ ତ୍ରିପାଠୀ କହିଥିଲେ ଯେ, ଗ୍ରାମାଂଚଳରେ ଅବହେଳିତ ଅବସ୍ଥାରେ ରହିଥିବା ଅନେକ ତାଳପତ୍ର ପୋଥିକୁ ଖୋଜି ସଂଗ୍ରହ କରାଯାଇଛି । ଏଥିରୁ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା । ଦୁଇଟି ପର୍ଯ୍ୟାୟରେ ମୋଟ ୬୧ଟି ଓ ୮୫ଟି ତାଳପତ୍ର ଖୋଦିତ ପୋଥିକୁ ଭାଷା ବିକାଶ ଆୟୋଜନ ଅନୁଷ୍ଠାନ ଏବଂ ସ୍ପଷ୍ଟ ନାଟ୍ୟାଳୟ, ମାକଲପୁର, ମୋଡିଗଞ୍ଜର ସଦସ୍ୟମାନେ ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର କରିଥିଲେ । ସୂଚନାମତେ, ଏହି ପୋଥିଗୁଡ଼ିକ ବାଣିଦା ଗ୍ରାମର ନରେନ୍ଦ୍ରନାଥ ମହାପାତ୍ର, ବିଷ୍ଣୁପୁର ଗ୍ରାମର ଭୋଳାନାଥ ତ୍ରିପାଠୀ ତଥା ଆଖପାଖ ଅଂଚଳରୁ ସଂଗୃହୀତ ହୋଇଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଚାରର ମୁଖ୍ୟ ପ୍ରସଙ୍ଗରେ ଦେବଶିଷ୍ଟ ପାଢ଼ୁ ସଂଚାଳନ କରିଥିଲେ ଏବଂ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଖଣ୍ଡପଡ଼ା ଥାନା ପରିସରରେ ସାଇବର ସଚେତନତା କାର୍ଯ୍ୟକ୍ରମ 'ଜୁଭେଂଟିକା'

ଖଣ୍ଡପଡ଼ା, ୦୮/୦୫(ଆ.ପ୍ର) : ସାଇବର ବିପଦରୁ ଛୋଟ ପିଲାଙ୍କୁ ରୁରେଇ ରଖିବା ନେଇ ଆଜି ଖଣ୍ଡପଡ଼ା ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା ଜଣାଯାଇଛି । ଏନେଇ ଆଜି ଅପରାହ୍ନରେ ଖଣ୍ଡପଡ଼ା ଥାନା ପରିସରରେ ଥାନାଧିକାରୀ ଜୁତିବାସ ହରିଚନ୍ଦନଙ୍କ ନେତୃତ୍ୱରେ ସାଇବର ସଚେତନତା କାର୍ଯ୍ୟକ୍ରମ 'ଜୁଭେଂଟିକା' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏସଡିପିଓ ସୁଦୀପ୍ତ କୁମାର ସାହୁ, ଖଣ୍ଡପଡ଼ା ଥାନାର ଚାଇଲ୍ଡ ଓ୍ୱେଲଫେୟାର ପୋଲିସ ଅଫିସର ମନସ୍ୱିତା ସାହୁ, ଥାନାର ସମସ୍ତ କର୍ମଚାରୀ, ଆଙ୍ଗନବାଡି କର୍ମୀ ଏବଂ କିଶୋରୀ ବାଳିକାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

କ୍ରୀଡ଼ାବିତ ତଥା ସାମ୍ପ୍ରଦାୟିକ ସଦଭାବନାର ରକ୍ଷକ 'ହାଜୀ କାସିମ ଖାନ'ଙ୍କ ଦେହାନ୍ତ

ଭଦ୍ରକ, ୭।୫ - ଭଦ୍ରକର ବିଶିଷ୍ଟ କ୍ରୀଡ଼ାବିତ ତଥା ସାମ୍ପ୍ରଦାୟିକ ସଦଭାବନାର ରକ୍ଷକ ହାଜୀ ଅବୁଲ କାଶିମ ଖାନ (୮୧) ବର୍ଷ ବୟସ ବୃଧବାର ରାତ୍ରି ୧. ୩୦ ରେ ଭୁବନେଶ୍ୱର ସ୍ଥିତ ସମ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ଭଦ୍ରକ ସରକାର ନଗର ସ୍ଥିତ ତାଙ୍କ ବାସଭବନରେ ସକାଳ ୯ ଘଟିକା ସମୟରେ ଭୁବନେଶ୍ୱର ରୁ ଭଦ୍ରକ ପହଁଚିଲା ଦେହକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରକଳ କିଡ଼ କମିଥିଲା ଓ ତାଙ୍କ ମୃତ୍ୟୁରେ ଭଦ୍ରକ ଜଣେ ମୁରବିଙ୍କୁ ହରାଇଛି । ୯ ନଭେମ୍ବର ୧୯୪୫ ରେ ଭଦ୍ରକ କାଜି ମହଲ୍ଲା ଗାଁରେ ଜନ୍ମ ଗ୍ରହଣ କରିଥିଲେ । ଶାନ୍ତ, ସରଳ ସ୍ୱଭାବର ମଶିଷ ଥ

ଶନିବାର, ୦୯ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ମାନବିକତା

ଯେଉଁଠି ପୁଅ,ଝିଅ,ବୋହୂ ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ ପୂର୍ବକ ପିତାମାତା କିମ୍ବା ଶାଶୁଶ୍ୱଶୁରାଙ୍କ ଉଚିତ ଦେଖାଶୁଣା କରନ୍ତି, ଗୁରୁଜନଙ୍କୁ ସମୁଚିତ ସମ୍ମାନ ପ୍ରଦାନ ସହ ନିଜଠୁ ସାନ ମାନଙ୍କୁ ସ୍ନେହଶ୍ରଦ୍ଧା ଦିଅନ୍ତି;ସେଇଠି ଏହାର ସଂପୂର୍ଣ୍ଣ ଶ୍ରେୟ ସେମାନଙ୍କ ପିତାମାତାଙ୍କୁ ଦିଆଯାଏ । ଯେତେ ଅଧିକ ପାଠ ପଢ଼ି ଯେତେ ଜଣ ଶିକ୍ଷିତ ହେଲେ ହେଁ ଛୋଟ ସମୟରୁ ପିତାମାତାଙ୍କ ସଂସ୍କାରପୂର୍ଣ୍ଣ ଲାଳନପାଳନ ହିଁ ଉତ୍ତମ୍ ଉତ୍ତମ ମଣିଷର ଚରିତ୍ର ପ୍ରଦାନ କରେ । ତେଣୁ ପ୍ରତି ଜଣ ମଣିଷଙ୍କ ଜୀବନରେ ପିତାମାତାଙ୍କ ଭୂମିକା ସବୁଠାରୁ ମହତ୍ୱପୂର୍ଣ୍ଣ । ଭାରତୀୟ ସଂସ୍କୃତିରେ ପିତାମାତାଙ୍କୁ ଭଗବାନଙ୍କ ରୂପ ଭାବରେ ବିବେଚନା କରାଯାଏ । ପିତାଙ୍କୁ ଧର୍ମ ଓ ସ୍ୱର୍ଗ ବୋଲି କୁହାଯାଉଥିବା ବେଳେ ମାତାଙ୍କୁ ସ୍ୱର୍ଗ ଠାରୁ ମଧ୍ୟ ଗରିଯସି ମଣାଯାଏ । ତେଣୁ ନିଜ ପିତାମାତାଙ୍କୁ ପୂଜା କଲେ ଅନ୍ୟ କୌଣସି ଦେବତାଙ୍କୁ ଆରାଧନା କରିବାର ଆବଶ୍ୟକତା ଆଉ ନଥାଏ । ଆମ ପୁରାଣାଦିରେ ପିତାମାତାଙ୍କ ପ୍ରତି ନିବିଡ଼ ଅନୁରକ୍ତିର ଅନେକ ପ୍ରେରଣାପ୍ରଦ ବର୍ଣ୍ଣନା ରହିଛି । ଯାହା ପିତାମାତା ଓ ସନ୍ତାନସନ୍ତତିଙ୍କ ଗଭୀର ସଂପର୍କକୁ ସଦା ଉଜ୍ଜିବିତ କରିଆସିଛି । ପିତାମାତାଙ୍କ ପ୍ରତି ମୁନି କୁମାର ଶ୍ରବଣଙ୍କ ସମର୍ପିତ ଭାବକୁ କିଏ ଅବା ବିସ୍ମୃତୀ ପାରିବ । ଅନ୍ଧ ପିତା ଶାନ୍ତନୁ ଓ ଅନୁଣୀ ମାତା ଜ୍ଞାନବତୀ ଅନ୍ତ୍ୟର୍ଣ୍ଣ ବୃଦ୍ଧାବସ୍ଥାକୁ ଆସି ଯାଇଥିବା ବେଳେ ଥରେ ସେମାନେ ତୀର୍ଥ ଭ୍ରମଣକୁ ବାହାର ଜଣିଥିଲେ । ବିଶ୍ୱାସ ରଖିଛି ଯେ, ବାର୍ଦ୍ଧକ୍ୟର ସମୟରେ ତୀର୍ଥଯାତ୍ରା କଲେ ଆତ୍ମା ପବିତ୍ର ହେବା ସହ ଶାନ୍ତି ପ୍ରାପ୍ତ ହୋଇଥାଏ । କିନ୍ତୁ ଅନ୍ଧ ଋଷି ଦମ୍ପତିଙ୍କ ନିଜସ୍ୱରେ ସେତେବେଳେ ତୀର୍ଥ ଭ୍ରମଣର କୌଣସି ସାଧନା ନ ଥିଲା । ତେଣୁ ପିତାମାତାଙ୍କ ସୁଯୋଗ୍ୟ ସନ୍ତାନ ଶ୍ରବଣ ବୁଢିଟି ଝୁଡ଼ିରେ ସେମାନଙ୍କୁ ବସେଇ ବାଉଁଶ ଭାର ସାହାଯ୍ୟରେ କାନ୍ଧରେ ବୋହି ତୀର୍ଥ ବୁଲେଇ ଥିଲେ । ସେହିଦିନ ରାଜା ଦଶରଥଙ୍କ ଆଖୁରେ ପିଠୁଳା ପୁତ୍ରଶୋକର ଶ୍ରୀରାମଙ୍କଠୁ ରାତି ପାହିଲେ ରାଜା ହେବା ପରିବର୍ତ୍ତେ ପିତୃସତ୍ୟ ପାଳନ ପାଇଁ ସନ୍ୟାସି ବେଶ ଧରି ଚଉଦ ବର୍ଷ ନିମିତ୍ତ ବନଗମନ କରିଥିଲେ । ଆମର ମହାନ ଗୁରୁ ମହାଭାରତର ବୀରଶ୍ରେଷ୍ଠ ଭୀଷ୍ମଙ୍କ ପିତାଙ୍କ ପ୍ରତି ଅଙ୍ଗିକାର ଭାବର ତ ପଟ୍ଟାନ୍ତର ନାହିଁ । ପିତା ଶାନ୍ତନୁ ପୁତ୍ରଃ ବିବାହ ପାଇଁ ଆଗ୍ରହୀ ଥିବା ବେଳେ ଶାନ୍ତନୁଙ୍କ ଭୀଷ୍ମ ପରି ପରମ ବୀର ପୁତ୍ର ଥାଇଥାଇ ସେମାନଙ୍କ କନ୍ୟାର ସନ୍ତାନର ଯେ ହସ୍ତିନାପୁର ରାଜା ହେବାର ଜୌଣସି ସୁଯୋଗ ହିଁ ନାହିଁ ଜାଣି ଜନ୍ୟାପିତା ମାନେ ଶାନ୍ତନୁଙ୍କୁ କନ୍ୟା ପ୍ରଦାନରେ ଅସମ୍ମତ ହେବା ସ୍ୱାଭାବିକ ଥିଲା । ଏଇଥା ଭୀଷ୍ମ ଜାଣିବା ମାତ୍ରେ ପିତାଙ୍କ ଅଭିଳାଷ ପୂରଣ ନିମନ୍ତେ ନିଜର ସମସ୍ତ ମାୟା ମୋହକୁ ସମର୍ପଣ କରି ଭୀଷ୍ମ ସଭାରେ ଘୋଷଣା କରି ବେଳେ ଯେ, ସେ ଜୀବନରେ କେବେ ରାଜପଦ ଗ୍ରହଣ କରିବେ ନାହିଁ । ପିତା ପ୍ରତି ପୁତ୍ରର କର୍ତ୍ତବ୍ୟ ନିଜଠରେ ଚକ୍ରବର୍ତ୍ତୀ ସମ୍ରାଟ ହୋଇ ରାଜଗଦ୍ଦି ଭୋଗ କରିବାର ମୋହ ଏଠାରେ କେତେ ତୁଚ୍ଛ ମନେ ହେଲା । ଅନନ୍ୟ ଏକ ଘଟଣାରେ ମାଆ ଓ ପୁଅ ମଧ୍ୟରେ ଥିଲା ଅଜାଡ଼ିକ ସ୍ନେହ । ପୁଅଟି ସମୟକ୍ରମେ ସୁନ୍ଦର ଓ ବୁଦ୍ଧିମାନ ଯୁବକରେ ଉପନିତ ହେଲା । ଏହା ସତ୍ତ୍ୱେ ମାଆ କିନ୍ତୁ ଖୁସି ନଥିଲା । ପ୍ରାୟତଃ ତା ମୁହଁରେ ଦୁଃଖର ଛାୟା ସ୍ପଷ୍ଟ ବାଗି ହେଉଥିବା ଦେଖି ଦିନେ ପୁଅ ମାଆକୁ ଏହାର କାରଣ ପଚାରିଲା । ମାଆ କହିଲା ପୁଅରେ, ତୁ ଛୋଟ ଥିଲା ବେଳେ ଜଣେ ଜ୍ୟୋତିଷ ତୋ ଛାମୁ ବାଡ଼ ଦେଖି ଭବିଷ୍ୟବାଣୀ କରିଥିଲେ ଯେ, ଭବିଷ୍ୟତରେ ତୁ ଜଣେ ପ୍ରସିଦ୍ଧ ବ୍ୟକ୍ତି ଭାବରେ ସବୁଠି ଖ୍ୟାତି ଅର୍ଜନ କରିବୁ । ଏହା ଶୁଣି ପୁଅ କହିଲା- ଏହା ତ ଖୁସିର କଥା, ଏଥିରେ ତୋର ଦୁଃଖ କେଉଁଠି ରହିଲା ? ମାଆ କହିଲା ଏହା ନିଶ୍ଚିତ ଖୁସିର କଥା କିନ୍ତୁ ଯେତେବେଳେ ପ୍ରସିଦ୍ଧି ଲାଭ କରିବୁ, ତୁ କ'ଣ ପୂର୍ବ ପରି ମୋତେ ସ୍ନେହ କରି ପାରିବୁ । ମୋତେ ଏକୁଟିଆ ଛାଡ଼ି ତୁ ଦୋ ରାସ୍ତାରେ ଯଦି ଚାଲିଯାଉ, ତେବେ ମୁଁ କଂଟିକି କେମିତି ! ଏହି ଚିନ୍ତା ମୋତେ ସବୁ ବେଳେ ଘାରୁଛିରେ ପୁଅ । ମାଆ ଠାରୁ ଏହା ଶୁଣି ପୁଅଟି କୋହ ସମ୍ଭାଳି ପାରିଲା ନାହିଁ । ସାଙ୍ଗେ ସାଙ୍ଗେ ପୁଅଟି ଘର ବାହାରକୁ ଚାଲିଆସି ଘୋଡ଼ିଏ ପଥରରେ ତା'ପାଟିର ସାମନା ବୁଢିଟି ବାନ୍ଧକୁ ଛେଡ଼ି ଛାଡ଼ି ଦେଲା । ଏବେ ପୁଅର ପାଟିରୁ ଧାରଧାର ରକ୍ତ ବୋହିବାକୁ ଲାଗିଲା । ପଛେପଛେ ବାହାରକୁ ଆସୁଥିବା ମାଆ ପୁଅର ଏ ଅବସ୍ଥା ଦେଖି ବିଚଳିତ ହୋଇ ପଚାରିଲେ ତୁ ଏ କ'ଣ କଲୁ ? ପୁଅଟି ଉତ୍ତର ଦେଲା ଯଦି ଏଇ ଛାମୁ ଦାନ୍ତ ବୁଢିଟି ତୋର ଦୁଃଖର କାରଣ, ତା'ହେଲେ ମୋର ଏମିତି ଦାନ୍ତ ବଗଲାର ନାହିଁ । ମୁଁ ଆଦୌ ପ୍ରସିଦ୍ଧି ଲାଭ କରିବାକୁ ଚାହେଁ ନାହିଁ । ମୁଁ କେବଳ ତୋ ପାଖେ ପାଖେ ରହି ତୋ ସେବା କରିବାକୁ ଚାହେଁ । ଏ ଘଟଣାର ପୁଅ ଜଣକ ହେଉଛନ୍ତି ବିଚକ୍ଷଣ ପ୍ରତିଭାର ଅଧିକାରୀ ବିଶ୍ୱବିଖ୍ୟାତ ଚାଣକ୍ୟ । ପିତାମାତା ଓ ସନ୍ତାନସନ୍ତତିଙ୍କ ସ୍ନେହ,ପ୍ରେମ ଯୁଗେଯୁଗେ ଅବର୍ଣ୍ଣନୀୟ । ଥରେ ଜଣେ ବୃଦ୍ଧି ସ୍ୱାମୀ ବିବେକାନନ୍ଦଙ୍କୁ ପଚାରିଲେ, ମାଆଙ୍କୁ କାହିଁକି ପୂଜନୀୟା ବୋଲି କୁହାଯାଏ ।

ପ୍ରେମ ଓ ଶାନ୍ତିର ବାର୍ତ୍ତା

॥ ବିକ୍ରମ କେଶରୀ ବିଶ୍ୱାଳ ॥

ଆଜି ବିଶ୍ୱ ଭାଲେ[ାଇନ ଡେ ତଥାକଥିତ ଭାବେ ବିଭିନ୍ନ ଭାବ, ବିଭିନ୍ନ ଢଙ୍ଗରେ ଅନୁଷ୍ଠିତ ହେଉଛି । ହେଲେ ଆମେ ସମସ୍ତେ ଭୁଲି ଯାଇଛେ ଯେ ବାସ୍ତବରେ ପ୍ରେମ କ'ଣ ? ପ୍ରେମ କେବଳ ଲିଖିଙ୍କ ଗୁଟେବର ବାହାନା ବା ଦେହଭାବର ଭାବାର୍ଥ ନୁହେଁ । ଏହା ଅତ୍ୟନ୍ତ ପ୍ରାସଙ୍ଗିକ ଓ ମୂଲ୍ୟବୋଧଭିତିକ ତଥା ଅନୁପ୍ରେରଣାମୂଳ । ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କରିବା ଉଚିତ ।

ପ୍ରେମ ଓ ଶାନ୍ତି ହିଁ ମନୁଷ୍ୟର ଜୀବନକୁ ସୁଖମୟ କରିଦିଏ । ଏହି ପ୍ରେମ ଓ ଶାନ୍ତି ପାଇଁ ଆମକୁ କେତେଗୁଡ଼ିଏ ବିଷୟ ପ୍ରତି ଗୁରୁତ୍ୱ ଦେବାକୁ ହେବ । ବେଦି ସରଳ ମାର୍ଗ ବୁଝିକ ହେଉଛି ସବୁବେଳେ ମନେରଖିବୁ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହ ନିଜକୁ ସବୁବେଳେ ଭାଗ୍ୟବାନ ମାନେ କରିବା ଉଚିତ । ଏହାଦ୍ୱାରା ମନ ମଧ୍ୟରୁ ସବୁ ଗ୍ଲାନି ଦୂର ହୋଇଯାଏ । ଏହାସବୁ ଅସମ୍ଭବକୁ ଦୂର କରିବାରେ ସହାୟକ ହୋଇଥାଏ । ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ନିଜ ପାଇଁ କିଛି ସମୟ ରଖିବା ଉଚିତ । ଶାସ୍ତ୍ର ଓ ନିରୋଳାରେ କିଛି ମୁହୂର୍ତ୍ତ ବ୍ୟକ୍ତିର ସୃଜନଶୀଳତାକୁ ବୃଦ୍ଧି କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଜୀବନର ଗୁଣାତ୍ମକତାର ବୃଦ୍ଧି ହୋଇଥାଏ । ବର୍ଷ ପରେ ବର୍ଷ ବିତି ଚାଲିଛି । ସମୟ ଚକ୍ରରେ ବ୍ୟକ୍ତିର ଜୀବନ ହେଉଛି ଏକ ଛୋଟ ଅଣୁ ପରି । ଏହା ସହ ଜୀବନ ହେଉଛି କ୍ଷଣସ୍ଥାୟୀ । ଏପରି ଭାବିବା ଦ୍ୱାରା ମନର ସଂଙ୍କୀର୍ଣ୍ଣତା ଦୂର ହୋଇଯାଏ । ଫଳରେ ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିପାରେ । ମନରେ ସବୁବେଳେ ଦୟାଭାବ ରଖିବା ଉଚିତ । ଏହାସହ କୌଣସି ଆଶା ନରଖି ଅନ୍ୟର ସେବା କରିବା ଉଚିତ । ଏହା ଜୀବନରେ ଶାନ୍ତି ଓ ପ୍ରେମକୁ ବଢ଼ାଇବାରେ ସହାୟକ ହୋଇଥାଏ । ଦୟ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ । ପ୍ରତ୍ୟେକ ଦିନ ସକାଳେ ଦର୍ପଣରେ ନିଜକୁ ଏକ ଛୋଟ ହସ ଉପହାର ଦେଇ ଦିନଟି ଖୁସିମାଗରା କରିବା ଉଚିତ । ଏହାସହ ପ୍ରତିଦିନ ଇଚ୍ଛୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଉପହାର ଦେବା ଉଚିତ । ଏହା ବ୍ୟକ୍ତିକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତିର ସହ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଥାଏ । ସେହିପରି ବ୍ୟକ୍ତି ମନର ଶାନ୍ତି ପାଇଁ ପ୍ରତିଦିନ ଧ୍ୟାନ ଅଭ୍ୟାସ କରିବା ଉଚିତ । ଏହାମନରେ ଗଭୀର ବିଶ୍ୱାସ ଆଣିବା ସହ ମନକୁ ଉପଯୁକ୍ତ ବିଶ୍ରାମ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ସବୁବେଳେ ନିଜକୁ ଜଣେ ଛାତ୍ର ଭାବେ ମାନିବା ଉଚିତ । ଏହା ମନକୁ ଅହଂ ଭାବ ଦୂର କରିଥାଏ । ଛାତ୍ର ଭଳି ସବୁବେଳେ ଜିଜ୍ଞାସୁ ହେବା ଉଚିତ । କାରଣ ପ୍ରତ୍ୟେକ ବସ୍ତୁରୁ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଉପରୋକ୍ତ ଦିବ୍ୟ ଚିନ୍ତନର ମାର୍ଗ ଆମ ସମସ୍ତଙ୍କ ଜୀବନକୁ ଆଧ୍ୟାତ୍ମିକମୟ ଓ ଆନନ୍ଦରେ ଭରି ଦେବ ନିଶ୍ଚୟ ଏହି କାମନା କରିବା ।

ପ୍ରେମ ଈଶ୍ୱରଙ୍କର ଏକ କୈବିର୍ଣ୍ଣିକ, ଚିର ଶାଶ୍ୱତ ଦାନ । ପ୍ରେମାନ୍ଧଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ । ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ । ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସଙ୍ଗୀତଶରେର ପଛଘୂରାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଇଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅବିନାଶୀ ଓ ନିଜ ଗୁରୁ ବା ଈଶ୍ୱର ପ୍ରତି ଶେଷ ସମର୍ପଣ । ବ୍ୟସ୍ତରେ ଶ୍ରୀରାଧା କୃଷ୍ଣଲିଲାର ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷାତ ମର୍ମ୍ମାଘାତ ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିତ ଭାବରେ ଅତିକ୍ରମନୀୟ । ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଈଶ୍ୱର ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ । ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେ[ାଇନ୍ ଦିବସର ଅନୁଶୀଳିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିହିତ ? ଗୁରୁ-ଶିଷ୍ୟ, ଇଷ୍ଟ-ଅନୁରକ୍ତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖୁଲେ ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାଦ୍ଧଲାଙ୍କପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା । ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ଚିରୁ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା । ଏହା ଭିତରେ ନିମଜ୍ଜିତ ହୋଇ ତାକୁ ପାଇବାର ଯେଉଁ ଅମୃତ ତେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପିତ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

ମାନବ ସେବାରେ ଆକାଶବାଣୀ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ରେଡ଼ିଓ ସେବାର ପ୍ରସାର, ପ୍ରଚାର, ପ୍ରସିଦ୍ଧି, ପ୍ରଶଂସା ଓ ଜନସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଫେବୃଆରୀ ୧୩ରୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି । ସମ୍ବାଦ ପରିବେଷଣ ଏବଂ ଆହରଣ ନିମନ୍ତେ ଡିଜିଟାଲ ଗଣମାଧ୍ୟମ ଅଛି । ସେଗୁଡ଼ିକୁ ଆମେ ଦୃଶ୍ୟ, ଶ୍ରାବ୍ୟ ଏବଂ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ ବୋଲି କହୁ । ସଂପ୍ରତି ଅନ୍ୟାନ୍ୟ ଗଣ ମାଧ୍ୟମ ଅପେକ୍ଷା ଦୃଶ୍ୟ - ଶ୍ରାବ୍ୟ (ଦୂରଦର୍ଶନ) ଏବଂ ଶ୍ରାବ୍ୟ (ଆକାଶବାଣୀ) ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ତା ତଳକୁ ଅଛନ୍ତି ପତ୍ରପତ୍ରିକା ଇତ୍ୟାଦି । ତେବେ ଏକଥା ନିଶ୍ଚୟ ଜଣିବୁ ଯେ ତୁରନ୍ତ ଏବଂ ସର୍ବକାଳୀନ କାର୍ଯ୍ୟକ୍ଷମତା ନିମନ୍ତେ ରେଡ଼ିଓ ବା ଆକାଶବାଣୀ ହିଁ ସର୍ବୋତମ । ପୃଥିବୀର ଯେତେ ବିସ୍ମୟ ଅଛି, ସେମାନଙ୍କ ମଧ୍ୟରେ ରେଡ଼ିଓ ଅନ୍ୟତମ । ଏହା ମଣିଷର ସ୍ୱରକୁ ବିନା ତାରରେ ଆକାଶ ମାଧ୍ୟମରେ ବହୁ ଦୂରକୁ ପଠାଇଥାଏ । ଏହା କୌଣସି ସ୍ଥାନକୁ ସ୍ପ୍ରେଣ କରିବାରେ ମାତ୍ର ୩ ମିନିଟ ସମୟ ଲାଗେ । ରେଡ଼ିଓ ଭାଭାବକ ହେଉଛନ୍ତି ମାର୍କୋନି । ସେ ତାଙ୍କ ଭାଭାବନ ମାଧ୍ୟମରେ ପୃଥିବୀବାସୀଙ୍କୁ ନିକଟରୁ ନିକଟତର କରି ପାରିଛନ୍ତି । ରେଡ଼ିଓ ସର୍ବତ୍ର ଯଥା ସମ୍ଭବ ଓ ମଫସଲର ଘରେ ଘରେ ବଜାରାଗାରରେ, ଜାହାଜ ବା ଲଡାକାଜାହାଜରେ ଯୁଦ୍ଧ ବା ଶାନ୍ତି କ୍ଷେତ୍ରରେ ବିପଦ କି ଆପଦବେଳେ ସହାୟତା କ୍ଷେତ୍ରରେ, ଗ୍ରେନ ଚଳାଚଳ ତଥା ବ୍ୟକ୍ତିଗତ ବା ସାମୂହିକ କ୍ଷେତ୍ରରେ ବାର୍ତ୍ତାର ପ୍ରେରଣ ଓ ଶ୍ରବଣ ପାଇଁ ବ୍ୟବହୃତ ହୁଏ । ଏହା ଏକ ବିଦ୍ୟୁତ ମାଧ୍ୟମ ଯନ୍ତ୍ର ହୋଇନଥିବା ହେତୁ, ସବୁ ସମୟରେ ଏବଂ ସର୍ବତ୍ର କାର୍ଯ୍ୟକ୍ଷମ ହେତୁ ଏହା ଟେଲିଭିଜନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଦୃଷ୍ଟିରୁ ଅଧିକ ନିର୍ଭରଶୀଳ ।

ଟେଲିଭିଜନ ପରି କେବଳ ଦୃଶ୍ୟମାନ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି ସମସ୍ତ ତଥ୍ୟ ଯଥା ସମ୍ବାଦ, ଚିତ୍ତବିନୋଦନ ବ୍ୟବସ୍ଥାରେ ନାଟକ, ଗୀତ, ଆଲୋଚନାରେ ମତାମତ, ସମସ୍ତ ଘଟଣା, ଘୋଷଣା, ନିଯୁକ୍ତି ସଂପର୍କିତ ତଥ୍ୟ, ପାଣିପାଗ, ଚାଷ୍ୟ, ବନ୍ୟ, ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୁଦ୍ଧ, ଶାନ୍ତି, ଶିକ୍ଷା ଇତ୍ୟାଦିରେ ବାର୍ତ୍ତା ପାଇ । ଏତିକି ଚାହିଲେ ଯଥେଷ୍ଟ ହେବ ଯେ କେବଳ ଛବିକୁ ବାଦ ଦେଲେ ବାକିସବୁ ରେଡ଼ିଓରେ ପାଇଥାଇ । ଏତିକି କହିଲେ ଠିକ୍ ହେବ ଯେ ଟେଲିଭିଜନରେ ଆମେ ସବୁବେଳେ ପୂର୍ଣ୍ଣ ସ୍ୱାଦ ପାଇ ନଥାଇ କାରଣ ଏହା ବିଦ୍ୟୁତ୍ ବା ସେମିତି କିଛି ଉପାୟ ଉପରେ ନିର୍ଭରଶୀଳ । ଯେଉଁ ମୁହୂର୍ତ୍ତରେ ତାହା କଟିଯାଏ, ସେଇଠି ହେଲା ବ୍ୟତିକ୍ରମ । ମାତ୍ର ସେ ପୂର୍ଣ୍ଣ ସ୍ୱାଦ ଦିଏ ଆକାଶବାଣୀ । ଆକାଶବାଣୀ ହିଁ ଗରିବ ଲୋକର ସାଥୀ । ଘରେ ବା ପାଖରେ ଟ୍ରାଞ୍ଜିଷ୍ଟର ସେଟ୍‌ଟିଏ ଥିଲେ ଏବଂ ବ୍ୟାଟେରୀର ଅଭାବ ନଥିଲେ ଏକ ଏକ ନମ୍ବର୍‌ଯ୍ୟ ବା ସର୍ବକାଳୀନ ଯନ୍ତ୍ର । ରେଡ଼ିଓର ଏକ ସ୍ଥାନିକ ବ୍ୟବସ୍ଥା ଅଛି । ବାର୍ତ୍ତା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରେରଣ ପାଇଁ ଇଚ୍ଛଶକ୍ତି ସଂପନ୍ନ ଆକାଶବାଣୀ ସଂସ୍ଥାନ ଅଛି । ଏମିତିରେ ଗୋଟିଏ ଦେଶରେ ଏକାଧିକ ସଂସ୍ଥାନ ହି ପ୍ରତିଷ୍ଠା ହୋଇଛି । ବିଭିନ୍ନ ଦେଶରେ ଏହାର ନାମ କାରଣ ଭିନ୍ନ ଭିନ୍ନ । ଭାରତରେ ଏହାକୁ ଅଲ୍ ଇଣ୍ଡିଆ ରେଡ଼ିଓ ବା ଆକାଶବାଣୀ ଭାରତ କହିଲାବେଳେ, ପାକିସ୍ଥାନରେ ଏହାର ନାମ, ରେଡ଼ିଓ ପାକିସ୍ଥାନ ଏବଂ ଗ୍ରେଟ ବ୍ରିଟେନ୍‌ରେ କୁହନ୍ତି ବିବିସି ବା ବ୍ରିଟିଶ ବ୍ରଡ୍‌କାଷ୍ଟିଙ୍ଗ କର୍ପୋରେସନ୍ । ଟେଲିଭିଜନର ବହୁଳ ବ୍ୟବହାର ଫଳରେ ବର୍ତ୍ତମାନ ରେଡ଼ିଓର ଚାହିଦା ଅନେକ କମ୍ ହୋଇଯାଇଛି । ତେବେ ସମୟ ଆସୁଛି, ଯେତେବେଳେ ଟିକି ଅପେକ୍ଷା ରେଡ଼ିଓର ଚାହିଦା ବଢ଼ିବ । ସେତେବେଳେ ରେଡ଼ିଓ ବା ଟ୍ରାଞ୍ଜିଷ୍ଟରରେ ଦୃଶ୍ୟ ଦେଖିବାର ବ୍ୟବସ୍ଥା ହୋଇ ଯାଇଥିବ । ମୋବାଇଲ ବା ପକେଟ ରେଡ଼ିଓଟି ଦୃଶ୍ୟ - ଶ୍ରାବ୍ୟ ପାଇଟି ଯାଇଥିବ । ଏଣୁ ଏହା ସତ୍ୟ ବୋଲି ଅନୁମତି ହୁଏ ଯେ ମାନବସେବାରେ ଏହାକୁ ସର୍ବୋତମ ସ୍ଥାନ ମିଳିବ । ରେଡ଼ିଓ ଯେ ସୂଚନା ପ୍ରାପ୍ତିର ବଳିଷ୍ଠ ମାଧ୍ୟମ ଏହା ନିଃସନ୍ଦେହ । ରେଡ଼ିଓ ଲୋକଙ୍କୁ କୁଝାଏ । ରେଡ଼ିଓର ଉପଯୋଗିତା ଓ ସାର୍ଥକତା ଆଜି ବି ରହିଛି । ରେଡ଼ିଓକୁ ଲୋକେ ଆଜି ବି ପସନ୍ଦ କରୁଥିବା ସ୍ପଷ୍ଟ ହେଉଛି ବୋଲି ସେ କହିଥିଲେ । ପୂର୍ବରୁ ରେଡ଼ିଓ ଥିଲା, ଆଜି ଅଛି ଏବଂ ଆଗକୁ ମଧ୍ୟ ରହିବ ।

ନିର୍ଦ୍ଦେଶିକା - ରଶ୍ମାଡ଼ିକା, ଆଚର୍ଯ୍ୟାଟିକ ଅଶୋକନଗରତା ନିରୋଧ ଆୟୋଜନ, କଟକ, ଦୂରଭାଷ : ୯୯୩୭୧୭୭୨୮୧୦

ସରକାରୀ ଗ୍ରାମ୍ୟ ଜଙ୍ଗଲର ଭବିଷ୍ୟତ

॥ ଶ୍ରୀଧର କୁମାର ରାଉଳ ॥

ଓଡ଼ିଶାରେ ଲୋକପ୍ରିୟ ତବଳ ଲାଞ୍ଜିନ ସରକାର ଆସିବା ପରେ ରାଜ୍ୟବାସୀ ଅନେକ ବିକାଶକୁ ଦେଖୁଛନ୍ତି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ପୂର୍ବୋଦୟ ବିକାଶର ପ୍ରାଥମିକ କେନ୍ଦ୍ର ଭାବେ ଗୁରୁତ୍ୱ ଦେଇଥିବାରୁ ଏହାର ସମ୍ଭାବନା ଅନେକ ବଢ଼ିଯାଇଛି । ଓଡ଼ିଶାର ପ୍ରାକୃତିକ ସମ୍ପଦ ଭିତରେ ବ୍ୟାପକ ଜଙ୍ଗଲ, ବୃଷ୍ଟିଶାଳୀ ହେଉଛି ଓଡ଼ିଶାର ଗର୍ବ ଓ ଗୌରବ । ଭାରତ ବର୍ଷରେ ବିଭିନ୍ନ ରାଜ୍ୟାରେ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲ ପୁର୍ନର୍ଜୀବନ ଓ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ସ୍ଥାନୀୟ ଅଂଚଳରେ ସବୁଜ ପରିବେଶ ସୃଷ୍

ଦୈନିକ
ଆରମ୍ଭ
SEITHO ARAMBHA

ଶନିବାର, ୦୯ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ରବିଚାଷ ପଞ୍ଜିକରଣରୁ ବଂଚିତ ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

କୋଳସରା, ୦୮/୦୫(ଆ.ପ୍ର) : ବାରମ୍ବାର ଦାବିପତ୍ର, ଆନ୍ଦୋଳନ ସତ୍ତ୍ୱେ କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ମେଗା ଲିଫ୍ଟ ପ୍ରକଳ୍ପ ଅଂଚଳର କୋଳସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକର ହଜାର ହଜାର ଚାଷୀ ରବିଧାନ ବିକ୍ରୀ ପଞ୍ଜିକରଣରୁ ବଂଚିତ ହୋଇଛନ୍ତି । ସରକାରୀ ଅବହେଳା ଏବଂ ପ୍ରଶାସନିକ ପ୍ରସ୍ତୁତୀ ପ୍ରତିବାଦରେ ଶୁକ୍ରବାର ଅନୁଦାତାଙ୍କ ଆକ୍ରୋଶ, ରାଜରାସ୍ତାରେ ଗର୍ଜନ ଛୁଟିଛି । ଇନ୍ଦ୍ରାବତୀ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଅଂଚଳ ଚାଷୀ ସଂଘର ଆହ୍ୱାନ କ୍ରମେ କୋଳସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ କୋଳସରା ଠାରେ ୨୬ କିମ୍ବା ଜାତୀୟ ରାଜପଥକୁ ଚାଷୀମାନେ ସମ୍ପୂର୍ଣ୍ଣ ଅବରୋଧ କରିଥିଲେ । ଯାହା ଫଳରେ ଭବାନୀପାଟଣା-ଜୟପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଶୁକ୍ରବାର ସକାଳ ୬ଟା ସମୟରୁ ଚାଷୀଙ୍କ ଏହି ଗର୍ଜନ ଆଗରେ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ମଧ୍ୟ ସ୍ଥାଣୁ ହୋଇଯାଇଛି । ସଂଘର ସଭାପତି ପୁରୁଷୋତମ ଦାସ ଗୁମ୍ଫାଙ୍କ ସଭାପତିତ୍ୱରେ ରାଜରାସ୍ତା ଉପରେ କୋଳସରା, ଜୟପାଟଣା ଓ ଧର୍ମଗଡ଼ ଅଂଚଳର ହଜାର ହଜାର ଚାଷୀ ଓ ଚାଷୀମାନେ ଯୋଡାରର ପ୍ରତିବାଦ କରି ସରକାରଙ୍କୁ ଜବାବ ମାଗିଛନ୍ତି । ଆନ୍ଦୋଳନକୁ ବିଜେଡ଼ି, କଂଗ୍ରେସ, ଓଡ଼ିଶା ଜନତା କଂଗ୍ରେସ ଦଳ ସମେତ ବିଭିନ୍ନ ସାମାଜିକ ସଂଗଠନ ସମର୍ଥନ ଜଣାଇଛନ୍ତି । ପୂର୍ବତନ ମନ୍ତ୍ରୀ ପୁଷ୍କେନ୍ଦ୍ର ସିଂ ଡେଓ, ପୂର୍ବତନ ବିଧାୟକ ମୌଷୁଧି ବାଗ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ଲୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଓଡ଼ିଶା ଜନତା କଂଗ୍ରେସ ଦଳର ନେତା ମଧୁ ମହାନ୍ତି, ସଂଗ୍ରାମୀ ନେତା ବିଶ୍ୱାମର ଦୁଲୀଆ, ବିଜେଡି ନେତା ବନ୍ଦି ନାରାୟଣ ପଟ୍ଟନାୟକ, ସନ୍ତୋଷ ପାଢ଼ୀ, ଡାଙ୍କେଶ୍ୱର ଲହଡଲ, ପ୍ରଶାନ୍ତ ଡିଣ୍ଡାରୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ସରକାର ବିରୋଧରେ ଲୋଡାର ଗର୍ଜିଥିଲେ । ଏଥି ସହିତ ଚାଷୀଙ୍କ ଦାବି ପୂରଣ ନହେଲେ ସରକାରୀ ଦଳର ବିଧାୟକ, ନେତା ମାନଙ୍କୁ ଗାଁରେ ପୁରାଇ ଦେବୁନାହିଁ, ପ୍ରତ୍ୟେକ ସ୍ଥାନରେ ବିରୋଧ କରାଯିବ ବୋଲି କଡ଼ା ଚେତାବନୀ ଦେଇଥିଲେ । ଅନ୍ୟପଟେ ଚାଷୀ ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଯେପର୍ଯ୍ୟନ୍ତ ସରକାର ଧାନ କ୍ରୟ ନେଇ ସ୍ପଷ୍ଟ ନିଷ୍ପତ୍ତି ନ ନିଅନ୍ତି, ସେପର୍ଯ୍ୟନ୍ତ ଏହି ରାଜପଥ ଅବରୋଧ ଓ ଆନ୍ଦୋଳନ ବନ୍ଦବନ୍ଦ ରହିବ ବୋଲି ଜୁହାଯାଇଛି । ଅନ୍ୟପଟେ ଧାନ ବିକ୍ରି ପଞ୍ଜୀକରଣରୁ ବଂଚିତ ହୋଇ ଚାଷୀ ଜାଣୁଥିବାବେଳେ ସ୍ଥାନୀୟ ବିଧାୟକଙ୍କୁ ଚାଷୀଙ୍କ ଲୁହ ବିନ୍ଦୁ ନାହିଁ, ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପିର ବିଜୟକୁ ନେଇ ମିଠା ବାଂଟିବାରେ ବ୍ୟସ୍ତ ରହୁଥିବା କହି କିଛି ଅସନ୍ତୋଷ ପ୍ରକାଶ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତା ଉପରେ ବସି ରହିବା ନେଇ ନିଷ୍ପତ୍ତି କରିଛନ୍ତି । ପ୍ରକାଶ ଯେ' ବନ୍ଦିତ ରବି ଋତୁରେ ଇନ୍ଦ୍ରାବତୀ ମେଗା ଲିଫ୍ଟ ଜଳ ସେଚନ ଜରିଆରେ ଜୟପାଟଣା, କୋଳସରା, ଧର୍ମଗଡ଼ ବ୍ଲକର ୧୨ ହଜାର ରୁ ଊର୍ଦ୍ଧ୍ୱ ଚାଷୀ ୧୮,୮୮୫ ହେକ୍ଟର ଚାଷଜମିରେ ଚାଷ କରିଛନ୍ତି ।

ବୁଡାଗୁଡ଼ା ଗ୍ରାମ ପଂଚାୟତଠାରେ ଭାଜପା ଦଳର ବିଜୟ ଉତ୍ସବ ପାଳିତ

ରାୟଗଡ଼ା, ୦୮/୦୫(ଆ.ପ୍ର) : ପଶ୍ଚିମ ବଙ୍ଗ, ଆସାମ ଓ ପଣ୍ଡୁଚେରି ରାଜ୍ୟରେରେ ଭାରତୀୟ ଜନତା ପାର୍ଟିର ଐତିହାସିକ ବିଜୟ ଲାଭ ପରେ ସାରା ଦେଶରେ ବିଜେପି ବଜାୟ କର୍ମକର୍ତା ମହା ଧୁମ୍ଧାମରେ ଏହି ବିଜୟ ଉତ୍ସବ ପାଳନ କରୁଥିବା ଅବସରରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଡ଼ାଗୁଡ଼ା ଗ୍ରାମ ପଂଚାୟତ ଠାରେ କଳ୍ୟାଣସିଂହପୁର ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ଗଙ୍ଗାରାଓ ପ୍ରଧାନଙ୍କ ନେତୃତ୍ୱରେ ମହା ଧୁମ୍ଧାମରେ ବିଜୟ ଉତ୍ସବ ପାଳନ କରିଥିବା ଦେଖିବାକୁ ମିଳିଛି । ଏ ନେଇ ସ୍ଥାନୀୟ କୁମ୍ଭାରଗୁଡ଼ା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପରେ ବାଇକ୍ ରାଲି ରେ ଶତାଧିକ କର୍ମୀ ଏକତ୍ର ହୋଇ ଗ୍ରାମ ପରିକ୍ରମା କରିଥିଲେ । ପରେଷର ମିଠା ଖାଇବା ସହ ଅନ୍ୟକୁ ଖୁଆଇ ଏବଂ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ । ଏହି ସମୟରେ ବରିଷ୍ଠ କର୍ମୀ ଦାନୁ କାଡ଼ାକା, ହରିହର ହିକକା, ପ୍ରସାଦ ପେଟେସିକା, ଯୁବ ନେତା ସନ୍ତୋଷ କୁମାର ବଗ୍ଗା, ବିଶ୍ୱନାଥ ହିକକା, ନରେଶ୍ୱରାଓ କୁଲିସିକା, ବିନବନ୍ଧୁ ହିକକା, ଲାଟିମା ହିକକା, ପ୍ରଭାତ ହିକକା, ଚୈତାଓ ଚନ୍ଦ୍ର କାଡ଼ାକା, ସିଡ଼ିଗା କାଡ଼ାକା, ଚଳୁଧର ପ୍ରଧାନ, ନାଳକଣ୍ଠ କାଡ଼ାକା, ଭାଗାରାଓ କଙ୍ଗରାକା, ରାମରାଓ କୁଲିସିକା, କାଂଟୁ ହିକକା, ବିଶ୍ୱାସ ନିଷିକା ଓ ବିଜେପି ବଦଳ ଓ ଅନ୍ୟାନ୍ୟ ବଜାୟ କର୍ମକର୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ

ପାରାଖେମୁଣ୍ଡି, ୦୮/୦୫(ଆ.ପ୍ର) : ଗଜପତି ଜିଲ୍ଲା ମୁଖ୍ୟାଳୟ ପାରଳାଖେମୁଣ୍ଡିରେ ଜିଲ୍ଲାପାଳଙ୍କ ସଚିବାଳୟ ଉତ୍ସରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଥିଲା । ମାନବବାଦି ସମାଜସେବକ ହେନ୍ରି ଡୁନଂଟଙ୍କ ସ୍ମରଣରେ ତାଙ୍କ ଜନ୍ମଦିବସରେ ପ୍ରତି ବର୍ଷ ମଇ ଆଠ ତାରିଖରେ ବିଶ୍ୱ ରେଡକ୍ରସ୍ ଦିବସ ପାଳନ କରାଯାଇଥାଏ । ଏହି ଅବସରରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଗୁମାହ ଗୋମ୍ବାଗା ରେଡକ୍ରସ୍ ସଂଗଠନର ମହତ୍ୱ ଓ ସମାଜର ଫୁଲୁଲ୍ଲଭାର ରେ ତା'ର ଭୂମିକା ବିଷୟରେ ସୁନ୍ଦର ଅଭିଭାଷଣ ପ୍ରସ୍ତୁତ କରି କହିଥିଲେ 'ଆଜିର ଏହି ଯୁଦ୍ଧ ବିଭୀଷିକା ଦୁନିଆ ମଧ୍ୟରେ ରେଡକ୍ରସ୍ ଶତ୍ରୁ-ମିତ୍ରର ଭେଦଭାବରୁ ଊର୍ଦ୍ଧ୍ୱକୁ ଯାଇ ମାନବ କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ କାର୍ଯ୍ୟରତ । ସଚ୍ଚାନନ୍ଦ ଅତିଥି ଭାବରେ ଉପସ୍ଥିତ ପୋଲିସ ଅଧିକାରୀ ପାରଳାଖେମୁଣ୍ଡି ମାଧ୍ୟବାନନ ନାୟକ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ ମଂଚାସୀନ ହୋଇ ନିଜ ନିଜ ବକ୍ତବ୍ୟ ରଖିଥିଲେ । ସଭା ପରିଚାଳନା ଦାୟିତ୍ୱରେ ଜେଏୟୁଟି କଲେଜର ଏମର୍ଜେନ୍ସୀ ବିଜୟାକର ଚନ୍ଦ୍ର ରାଉତ ରହି ନିଜ ନିଜ ଅନୁସାରେ ସୁନ୍ଦର ଭାବରେ ବ୍ୟାଖ୍ୟାନ କରିଥିଲେ । ସମାଜ ମଙ୍ଗଳ ପାଇଁ ରେଡକ୍ରସ୍ ସାଙ୍ଗରେ ଯୋଡ଼ି ହେବା ପାଇଁ ମୁଖ୍ୟ ଅତିଥି ସମସ୍ତ ଜିଲ୍ଲା ବାସୀଙ୍କୁ ଆହ୍ୱାନ କରିଥିଲେ । ଉକ୍ତ ବୈଠକରେ ଜିଲ୍ଲାଧିକାରୀଗଣ, ଜିଲ୍ଲାର ସମାଜସେବୀ ଓ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ଟ୍ରକ ଡ୍ରାଇଭରକୁ ଅପହରଣ ଅଭଯୋଗ

ନିମାପଡା, ୦୮/୦୫(ଆ.ପ୍ର) : ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ନୂଆହାଟ ଫାଣ୍ଡିର ଯୋଗେଶ୍ୱର ପୁର ବଜାର ନିକଟରେ ଥିବା ମହିମା ରାଇସ ମିଲ ନିକଟରୁ ଟ୍ରକ ଚାଳକକୁ ଅପହରଣ ଅଭିଯୋଗ ହୋଇଛି । ଟ୍ରକର ଡ୍ରାଇଭର ଅଣ ଓଡ଼ିଆ ଓ ହେଲପରକୁ ଦୁଇ ଜଣ ଯୁବକ ମାଡ଼ ମାରିବା ସହ ୩୧ ହଜାର ଟଙ୍କା ଛଡାଇ ନେଇଥିବା ଅଭିଯୋଗ ପରେ ରାଇସ ମାଲିକ ନେତ୍ରାନନ୍ଦ ମାଳିକ, ନିମାପଡା ଭପଖଣ୍ଡ ଆରକ୍ଷୀ ନିରୀକ୍ଷକ ଓ ଗୋପ ଥାନା ଅଧିକାରୀଙ୍କୁ ଲେଖି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅଭିଯୋଗ ଅନୁସାରେ ମହିମା ରାଇସ ମିଲରେ ଚାଳକ ଝୁଡ ବୋଝେଇ କରିଥିବା ଅଣ ଓଡ଼ିଆ ଟ୍ରକ ଚାଳକ ଲେଙ୍କ ଟେସ ସି ଓ ହେଲପରକୁ ଦୁଇ ଯୁବକ ମରଣା ମୁକ ଆକ୍ରମଣ କରିବା ସହ ଅପହରଣ କରିନେଇଥିଲେ । ସଳାକୁ ଲେଙ୍କ ଟେସ ଅପହରଣ କାରଣଙ୍କ କବଳରୁ କୌଶଳ କ୍ରମେ ଖସି ପଳାଇ ଆସିଥିଲେ । ରାଇସ ମିଲରେ ଲଗିଥିବା ସିସିଟିଭିରେ ମାଡ଼ ମାରିବା ଓ ବାଇକରେ ଅପହରଣ କରିନେବାର ଦୃଶ୍ୟ କଏଦହୋଇଛି । ସିସି ଟିଭି ଆଧାରରେ ଅପହରଣ ହୋଇଥିବା ଗାଡି କମ୍ବଳ OD ୧୩ଏ୭୦୫୫ ଗାଡିଟି ନିଜସ୍ୱ ଲୁଙ୍ଗିଆ ପାଣ୍ଡାର ବେଦା ଶିଷ ସ୍ୱାଇଁଙ୍କ ବୋଲି ପୋଲିସ ତଦନ୍ତରୁ ଜଣା ପଡିଛି ବୋଲି ପୋଲିସ ସୂତ୍ରରୁ ଦେଇଥିବା ବେଳେ ଖୁବ ଶୀଘ୍ର ଅପହରଣ ଲାଗିଛୁ ଧରାଯିବ ବୋଲି କହିଛନ୍ତି ।

୪ ମାସ ଧରି ଅଚଳ ନଳକୂଅ : ପାଣି ପାଇଁ ଡହଳ ବିକଳ ଗ୍ରାମବାସୀ

ସିନାପାଲି, ୦୮/୦୫(ଆ.ପ୍ର) : ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଭଲୁଆମୁଣ୍ଡା ଗ୍ରାମପଂଚାୟତର ଚରରାଇଟା ଗ୍ରାମର ଗହଳ ଛକରେ ଥିବା ନଳକୂଅ ଗତ ୪ ମାସ ଧରି ଅଚଳ ହୋଇ ପଡ଼ିରହିଛି । ମରାମତି ନ ହେବାରୁ ଗ୍ରାମବାସୀ ଗୁରୁତର ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗ୍ରାମରେ ପୂର୍ବରୁ ମଧ୍ୟ ପାଣି ସଂକଟ ଲାଗି ରହୁଥିବା ବେଳେ ଏହି ନଳକୂଅ ଖରାପ ହୋଇଯାଇଥିବାରୁ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଇଛି । ପାଣି ପାଇଁ ଗ୍ରାମବାସୀଙ୍କୁ ଦୂରଦୂରାନ୍ତରୁ ପାଣି ଆଣିବାକୁ ପଡୁଛି । ଅନେକ ସମୟରେ ଲୋକମାନେ ଜଳ ଯୋଗାଣ ପାଣିକୁ ଅପେକ୍ଷା କରୁଥିଲେ ମଧ୍ୟ ନିୟମିତ ସରବରାହ ନ ହେବାରୁ ବେଳିକିଛି କାମକାଜ ବାଧିତ ହେଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସମସ୍ୟା ସମ୍ପର୍କରେ ବାରମ୍ବାର ସମ୍ବନ୍ଧିତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଅଧିକାରୀ ଏଥିପାଇଁ ଦୃଷ୍ଟି ଦେଉନାହାନ୍ତି । ଫଳରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ଗ୍ରୀଷ୍ମ ପ୍ରବଳ ହେଉଥିବା ବେଳେ ଦୂରରୁ ନଳକୂଅର ମରାମତି କରାଯାଇ ଗ୍ରାମବାସୀଙ୍କ ପାଣି ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ ବୋଲି ସାଧାରଣରେ ଦାବି ହେଉଛି ।

ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିର ଉଦ୍‌ଯାପିତ

ନିମାପଡା, ୦୮/୦୫(ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାଣ୍ଡିଳକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରାୟୋଜିତ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହଯୋଗରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିରର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଜାତୀୟ ସେବା ଯୋଜନାର ଆଂଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦେଥିଲେ । ସମ୍ମାନିତ ଅତିଥି ରୂପେ ପୁରୀ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ଗୋଳକ ବିହାରୀ ପଲେଇ ଏବଂ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ଯୋଗମାୟା ପଣ୍ଡା ଯୋଗ ଦେଇଥିଲେ । ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରିଣୀ ଜାନକୀବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ଉଦଯାପନୀ ସମାରୋହ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ତିନି ଦିନ ଧରି ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ବ୍ଲକ ଶହ ସ୍ୱେଚ୍ଛାସେବୀ ମହାବିଦ୍ୟାଳୟ ପରିସରରେ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ଶିବିରରେ ପ୍ରଶିକ୍ଷଣ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଶିକ୍ଷକ ଭିକାରି ଚରଣ ସାହୁ, ନୃସିଂହ ମହାପାତ୍ରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଚୌଦ୍ୱାର ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ପର୍ବ

ଟାଙ୍ଗୀ ଚୌଦ୍ୱାର, ୦୮/୦୫(ଆ.ପ୍ର) : ଚୌଦ୍ୱାର ମହାବିଦ୍ୟାଳୟର ନାମଲେଖା ବିଭାଗ ତରଫରୁ ଆଜି ତା ୦୮.୦୫.୨୬ ରିଖ ଶୁକ୍ରବାର ଦିନ ୧୧ ଘଟିକା ସମୟରେ ଏକ ଅବସରଜାଳନ ସମ୍ବର୍ଦ୍ଧନା ମହାବିଦ୍ୟାଳୟର ସଭାଗୃହରେ ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟର ନାମଲେଖା ବିଭାଗର ମୁଖ୍ୟ ଅଧ୍ୟାପକ ସୁମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଶ୍ରୀମତୀ ରଶ୍ମୀ ରାଉତରାୟ ଏବଂ ପରୀକ୍ଷା ବିଭାଗର ବରିଷ୍ଠ ପ୍ରାଧ୍ୟାପକ ତରୁଣ ଦୀପକ କୁମାର ମହାନ୍ତିଙ୍କୁ ମିଳିତ ଭାବେ ପୁଷ୍ପଗୁଚ୍ଛ, ଉତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ଅଗ୍ରଗତି କରିବା ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀ ମାନେ ମିଳିମିଶି ଗୋଟିଏ ପରିବାର ଭାବେ ଆଗାମୀ ଦିନରେ ମହାବିଦ୍ୟାଳୟର କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ଚଳେଇବା ପାଇଁ ଅଧ୍ୟକ୍ଷା ମହୋଦୟା ବକ୍ତବ୍ୟ ରେ ପ୍ରକାଶ କରିଥିଲେ । ବିଭାଗର ସମସ୍ତ ସଦସ୍ୟଙ୍କ ତରଫରୁ ଚୌଦ୍ୱାର ମହାବିଦ୍ୟାଳୟର ନବକଳେବରକୁ ନେଇ ଅଧ୍ୟକ୍ଷାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରିଣୀ ଡଃ ହରପ୍ରିୟା ମହାପାତ୍ର,ଅଧ୍ୟାପକ ଯୁକ୍ତେଶ୍ୱର ଦାସ, ଉତ୍କଳ ଦୀପକ କୁମାର ବେହେରା,ସନ୍ଦୀପ ସାମଲ,ଦୀପକ ଦାସ, ଆରଣ୍ୟକ ରାଉତରାୟ, ପ୍ରତାପ କୁମାର ଘଡ଼େଇ,ରବିକାନ୍ତ ସ୍ୱାଇଁ, କର୍ମଚାରୀ ଦିଲୀପ ରାଉତ,ଅଶୋକ କୁମାର ଦାସ, ସୂର୍ଯ୍ୟକାନ୍ତ ସାହୁ,ପରେଶ୍ ବେହେରା , ସଙ୍ଗୀତା ମହାପାତ୍ର, ଜଂ ଭବାନୀ ପ୍ରିୟଦର୍ଶୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ପରିଶେଷରେ ଅଧ୍ୟାପିକା ଶିକ୍ଷାଶ୍ରୀ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

ଭଦ୍ରକରେ ଉନ୍ନୟନ ଓ ଯୋଜନାମୂଳକ କାର୍ଯ୍ୟକ୍ରମର ସମୀକ୍ଷା

ଭଦ୍ରକ, ୦୮/୦୫(ଆ.ପ୍ର) : ଭଦ୍ରକ ଜିଲ୍ଲାର ଉନ୍ନୟନମୂଳକ ଓ ଯୋଜନାଭିତ୍ତିକ କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ଭଦ୍ରକ ବିଧାନସଭା ଉନ୍ନୟନ କମିଟି ବୈଠକ ଏବଂ ଜିଲ୍ଲା ଯୋଜନା ସମିତି ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସଭା ଭଦ୍ରକର ନୂତନ ପ୍ରଶାସନ ଗୃହର ସଚ୍ଚିବାଳୟ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ , ଭଦ୍ରକ ତଥା ଜିଲ୍ଲା ଯୋଜନା ସମିତିର ଅଧ୍ୟକ୍ଷ ସାଂସଦ ଶ୍ରୀ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସଭାରେ ଭଦ୍ରକ ସଂଗଠନ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମାର୍କି ହବିବ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ବଡ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରତ୍ୟୁଷ ରଣା, ଜିଲ୍ଲା ଯୋଜନା ଓ ପ୍ରତ୍ୟାଲୋଚନା କାର୍ଯ୍ୟାଳୟ, ଭଦ୍ରକର ଅର୍ଥନୀତି ବିଶେଷଜ୍ଞ ଡଃ ଭଗବାନ ବାରିକ, ଜିଲ୍ଲା ପରିଷଦ ସଦସ୍ୟ ମଳୟ ଜେନା ଏବଂ ଅତିରିକ୍ତ ଏସ୍‌ପି. ବିଶ୍ୱପତି ପଣ୍ଡା, ଭଦ୍ରକ ଉପସ୍ଥିତ ରହିଥିଲେ । ସଭାରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଚାଲୁଥିବା ସରକାରୀ ଯୋଜନାର ଅଗ୍ରଗତି, ସାଧାରଣ ଲୋକଙ୍କ ସୁବିଧା ସହ ସମସ୍ତ ପ୍ରଶାସନିକ ସମନ୍ୱୟ ଉପରେ ବିସ୍ତୃତ ସମୀକ୍ଷା ଓ ଆଲୋଚନା କରାଯାଇଥିଲା । ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ସହ ଲୋକମୁଖୀ ଯୋଜନାର ସଫଳ କାର୍ଯ୍ୟନ୍ୱୟନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ବିଧାୟକ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଯଥା ସିଡିଏମ୍‌ଓ, ଏନ୍‌ଏଚ୍‌ଏଆଇ ବିଭାଗ, ଆର୍ ଆଣ୍ଡ ବି ବିଭାଗ, ଆରଡି ବିଭାଗ, ପୋଲିସ ବିଭାଗ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀମାନଙ୍କୁ ନେଇ ଜିଲ୍ଲାର ବିକାଶମୂଳକ ଯୋଜନା ଓ ବାକି ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ । ବିଶେଷକରି ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟଗୁଡ଼ିକୁ ନେଇ ସେ ସଭାର

ଦୈନିକ
ଆରମ୍ଭ
SEITHO AKAMBHA

ଶନିବାର, ୦୯ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଅଶୋକ ନଗର ଉଠାଦୋକାନୀଙ୍କୁ ନ୍ୟାୟ ପ୍ରଦାନ ଲାଗି ମାନବିକ ଅଧିକାର କମିଶନଙ୍କୁ ସ୍ମାରକ ପତ୍ର

ଖୋର୍ଦ୍ଧା/ଭୁବନେଶ୍ୱର, ୦୮/୦୫(ଆ.ପ୍ର) : ଭୁବନେଶ୍ୱର ଆଶୋକ ନଗରର ୨୮ ଜଣ ହକରଙ୍କ ଉପରେ ହୋଇଥିବା ଅନ୍ୟାୟ ଉଚ୍ଛେଦ ବିରୋଧରେ ଏଆଇସିସିଟିୟୁ ଓ ଏଆଇଟିୟୁସି ପକ୍ଷରୁ ଓଡ଼ିଶା ରାଜ୍ୟ ମାନବାଧିକାର କମିଶନଙ୍କ ଅଧ୍ୟକ୍ଷଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ପ୍ରତିନିଧି ଦଳରେ ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା ଓ ସୁଜ ଜେନା ଉପସ୍ଥିତ ଥିଲେ । ସେମାନେ ଆଶୋକ ନଗରର ପୀଡ଼ିତ ହକରମାନଙ୍କ ପାଇଁ ନ୍ୟାୟ, କ୍ଷତିପୂରଣ ଓ ପୁନର୍ବାସ ଦାବି କରିଥିଲେ । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୧୧ ଏପ୍ରିଲ ୨୦୨୬ ତାରିଖ ସକାଳ ପ୍ରାୟ ୮ଟା ସମୟରେ ବିଏମସି ଓ ବିଡିଏଏ ଯୁକ୍ତ ଉଚ୍ଛେଦ ଅଭିଯାନରେ ଆଶୋକନଗରର ୨୮ଟି ଦୋକାନକୁ କୌଣସି ପୂର୍ବ ସୂଚନା ଓ ପୁନର୍ବାସ ବ୍ୟବସ୍ଥା ବିନା ଭଙ୍ଗାଯାଇଥିଲା । ଏହାରେ ହକରମାନଙ୍କ ପ୍ରାୟ ୧୬ ଲକ୍ଷ ୧ ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି । ନେତୃବୃନ୍ଦ କହିଥିଲେ ଯେ, ହକରମାନେ କୌଣସି ରାସ୍ତା, ଯାତାୟାତ କିମ୍ବା ଡ୍ରେନକୁ ବାଧା ସୃଷ୍ଟି କରୁନଥିଲେ । ସୁପ୍ରିମକୋର୍ଟର ନିର୍ଦ୍ଦେଶ ଓ Street Vendors (Protection of Livelihood and Regulation of Street Vending) Act, ୨୦୧୪ ଅନୁସାରେ ରାସ୍ତା ପାର୍ଶ୍ୱରେ ଜୀବିକା ଚାଲାଇବାର ଅଧିକାର ହକରମାନଙ୍କର ଅଛି । କିନ୍ତୁ ବିଏମସି ଓ ବିଡିଏଏ ଏହି କାର୍ଯ୍ୟ ସଂବିଧାନର ଧାରା ୨୧ ଅନୁସାରେ ଜୀବନ ଓ ଜୀବିକାର ଅଧିକାରକୁ ଲଙ୍ଘନ କରିଛି । ମାନବାଧିକାର କମିଶନଙ୍କ ଅଧ୍ୟକ୍ଷ ପ୍ରତିନିଧି ଦଳର ଅଭିଯୋଗକୁ ଗୁରୁତ୍ୱ ସହକାରେ ଶୁଣିଥିଲେ ଓ ଏହି ଘଟଣାରେ ମାମଲା ରୁଜୁ କରି ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନ ଦେଇଥିଲେ । ଏଆଇସିସିଟିୟୁ ଓ ଏଆଇଟିୟୁସି ପକ୍ଷରୁ ସରକାରଙ୍କୁ ଦାବି କରାଯାଇଛି ଯେ, ପୀଡ଼ିତ ହକରମାନଙ୍କୁ ତୁରନ୍ତ କ୍ଷତିପୂରଣ, ପୁନର୍ବାସ ଓ ସ୍ଥାୟୀ ଜୀବିକାର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି ଓ ଆଗାମୀ ଦିନରେ ଛଗଣ୍ଡ ଘେରାଉ କରିବାକୁ ଉଠାଦୋକାନୀ ମାନେ କହିଛନ୍ତି ।

୭ ଶିକାରୀ ଗିରଫ, ବହୁ ଶିକାର ସାମଗ୍ରୀ ଓ ୪୫ କେଜି ବରାହା ମାଂସ ଜବତ

ଜୋମନା, ୦୮/୦୫(ଆ.ପ୍ର) : ନୂଆପଡ଼ା ଜିଲ୍ଲା ଜୋମନା ବନ ବିଭାଗକୁ ମିଳିଛି ଏକ ବଡ଼ ସଫଳତା । ବନ୍ୟଜନ୍ତୁ ଶିକାର ଅଭିଯୋଗରେ ୭ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି । ଅଭିଯାନ ସମୟରେ ଶିକାରୀମାନଙ୍କ ନିକଟରୁ ୫ଟି ଧନୁଷ, ୨୧ଟି ତୀର, ୨ଟି ଟାଙ୍ଗିଆ ସହ ଦୁଇଟି ବେଶୀ ବନ୍ଧୁକ ଏବଂ ପ୍ରାୟ ୪୫ କିଲୋଗ୍ରାମ ବରାହା ମାଂସ ଜବତ କରାଯାଇଛି । ବନ ବିଭାଗର ଏହି ତତ୍ପର ପଦକ୍ଷେପ ଅବୈଧ ଶିକାର କାର୍ଯ୍ୟକଳାପ ଉପରେ ବଡ଼ ଆଘାତ ଲାଗିଥିବା ବେଳେ, ଅଞ୍ଚଳରେ ବନ୍ୟଜନ୍ତୁ ସୁରକ୍ଷା ପ୍ରତି ବିଭାଗର କଡ଼ା ପଦକ୍ଷେପ ସ୍ପଷ୍ଟ ହୋଇଛି । ଗିରଫ ଶିକାରୀମାନଙ୍କୁ ଅଧିକ ପଚରାଉଚରା ଚାଲିଥିବା ସୂଚନା ମିଳିଛି ।

ଯାଜପୁର ଥାନା ପରିସରରେ ଜୁଭେନ୍‌ଟିକା ଓ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଯାଜପୁର, ୦୮/୦୫(ଆ.ପ୍ର) : ଯାଜପୁର ଟାଉନ୍ ଥାନା ପରିସରରେ ଅପରାହ୍ନ ସମୟରେ ଶିଶୁମାନଙ୍କ ସୁରକ୍ଷା, ସଚେତନତା ଓ ଜୈବିକ ମୂଲ୍ୟବୋଧ ବିକାଶକୁ ନେଇ 'Juventica' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ଟାଉନ୍ ଥାନା ଅଧିକାରୀ ଶରତ କୁମାର ନାୟକ, ଅତିରିକ୍ତ ଥାନା ଅଧିକାରୀ ଭୁବନମୋହନ ବେଠା ଏବଂ ଟାଉନ୍ ସମସ୍ତ ପୋଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ପ୍ରଥମେ ଏସଡିପିଓ ପ୍ରଶାନ୍ତ କୁମାର ମାଝୀଙ୍କୁ ଟାଉନ୍ ଥାନା ପକ୍ଷରୁ ଫୁଲ ତୋଡ଼ା ଦେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଶିଶୁମାନଙ୍କୁ ସାଇବର ଅପରାଧ, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର, ନିଶାଦ୍ରବ୍ୟର କୁପ୍ରଭାବ ଏବଂ ଆଇନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ବିଷୟରେ ଟାଉନ୍ ଥାନା ପକ୍ଷରୁ ସଚେତନ କରାଇଥିଲେ । ଶିଶୁମାନଙ୍କ ସହ ସିଧାସଳଖ ଆଲୋଚନା ମାଧ୍ୟମରେ ସେମାନଙ୍କର ମନୋବଳ ବୃଦ୍ଧି କରିବା ସହ ସମାଜ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବାରେ ଜୋର ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବହୁ ଶିଶୁ, ଅଭିଭାବକ ଓ ସମାଜସେବୀ ଯୋଗଦେଇଥିବା ବେଳେ ଯାଜପୁର ଥାନା ପକ୍ଷରୁ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି ।

ରାଜ୍ୟସଭା ସାଂସଦଙ୍କ କରକମଳରେ ଭାରତୀୟ ଜନତା ପାର୍ଟିର ନିଜସ୍ୱ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଧାମନଗର, ୦୮/୦୫(ଆ.ପ୍ର) : ଧାମନଗର ସହରାଞ୍ଚଳ ଅନ୍ତର୍ଗତ ଦକ୍ଷିଣବାଟ ବଡ଼ପୋଲ ନିକଟସ୍ଥ ଚିଲପଡି ରାସ୍ତା ଜଙ୍କରେ ନୂତନ ଭାବେ ଭାରତୀୟ ଜନତା ପାର୍ଟିର ଏକ ସୁନ୍ଦର କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ରାଜ୍ୟସଭା ସାଂସଦ ତଥା ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମାଲଙ୍କ କରକମଳରେ ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରି ଆମ ଦଳର କାର୍ଯ୍ୟାଳୟ ଧାମନଗର ଠାରେ ନିଜସ୍ୱ ହୋଇଥିବାରୁ ଶ୍ରୀ ସାମାଲ ଖୁସିବ୍ୟକ୍ତ କରିଛନ୍ତି । ଏଥିରେ ଓଡ଼ିଶା ସରକାରଙ୍କ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ପୂର୍ଣ୍ଣଚନ୍ଦ୍ରଶ୍ରୀ ଗୁରୁଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ପ୍ରମୁଖ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ଧାମନଗର ପୂର୍ବତନ ବିଧାୟକ ତଥା ବିରୋଧୀ ଦଳର ଉପନେତା ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କର ସ୍ୱପ୍ନ ଆଜି ସାକାର ହୋଇଛି ବୋଲି ମତବ୍ୟକ୍ତ କରି ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ବୈଠକ ଏହି କାର୍ଯ୍ୟାଳୟରେ ହେବ ବୋଲି ବକ୍ତବ୍ୟରେ କହିଛନ୍ତି । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ରଙ୍କ ସଂଚାଳନାରେ ଏହି ଉଦଘାଟନୀ ସମାରୋହରେ ଜିଲ୍ଲା ସଭାପତି ଭଗବାନ ପଣ୍ଡା, ସଧାରଣ ସମ୍ପାଦକ ବିମଳ ତ୍ରିପାଠୀ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ଫୁଲାଣ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବିଜେପି ନେତା ଶରତ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ପାଢ଼ୀ, ବିଜୟ କୁମାର ରାମ, ନାଗୀ ନେତ୍ରୀ ରଞ୍ଜିତା ସ୍ୱାଇଁ, କୃଷ୍ଣ ଚନ୍ଦ୍ର କେନା, ଅରବିନ୍ଦ ପତି, ଅଜୟ କୁମାର ନାୟକ, ଚତୁରଭୁଜ ନାୟକ, ସନ୍ତୋଷ ଦାସ ଅଧିକାରୀ, କିଶୋର ଚନ୍ଦ୍ର ଦାସ, ରଞ୍ଜିତ ମାଝି, ବିଦ୍ୟାଧର ରାଉତ, ପ୍ରଶାନ୍ତ ପରିଡା, ନାରାୟଣ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ ତ୍ରିପାଠୀଙ୍କ ସମେତ ବହୁ ସଂଖ୍ୟାରେ ମହିଳା ନେତ୍ରୀ ଓ ବରୀୟ କର୍ମୀ ନେତା ଯୋଗ ଦେଇଥିଲେ । ତେବେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ରଙ୍କ ଦିନ ରାତି ଅହରହ ପ୍ରଚେଷ୍ଟାରେ ସ୍ୱର୍ଗତ ସେଠୀଙ୍କର ସ୍ୱପ୍ନ ବାସ୍ତବରେ ପରିଣତ ହୋଇଛି ବୋଲି ବରୀୟ କର୍ମୀ ନେତା ମାନଙ୍କ ମଧ୍ୟରେ ବେଶ ଚର୍ଚ୍ଚାର ଆଲୋଚନା ହେଉଛି ।

ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ର ଚତୁର୍ଥ ସନ୍ଧ୍ୟା

ଭଦ୍ରକ, ୦୮/୦୫(ଆ.ପ୍ର) : ଜଣେ ଗୃହିଣୀ ରୋଜଗାରହୀନା ଏବଂ ଅସହା ଖର୍ଚ୍ଚ କରି ଗୃହର ଆର୍ଥିକ ମେରୁଦଣ୍ଡକୁ ବୋହଲାଇ ଦିଏ ;ଏକ ଭ୍ରାନ୍ତ ଧାରଣା । ବରଂ ଗୃହର ଆର୍ଥିକ ସମ୍ବଳ ସହ ଅନ୍ୟାନ୍ୟ ସମ୍ବଳକୁ ସଦୁପଯୋଗ ସହ ସଠିକ୍ ପରିଚାଳନା କରି ଗୃହଲକ୍ଷ୍ମୀ ସାଜିଥାଏ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି ଜନ୍ୟା ମହିଳା ସଙ୍ଗଠନ ସହଯୋଗରେ ଭଦ୍ରକ ସହର ଜବେରୀ ବଜାର ସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ଚତୁର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଭୂମି ଜନ୍ୟା ମହିଳା ସଙ୍ଗଠନର ସଭାନେତ୍ରୀ ସଂଯୁକ୍ତା ବଳ ନାୟକଙ୍କ ଚୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସନ୍ଧ୍ୟାରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ, ସରୋଜ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପିକା ଲକ୍ଷ୍ମୀପ୍ରିୟା ମାଝିଆ ମୁଖ୍ୟ ବକ୍ତା, ସେବା ନିବୃତ୍ତା ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯାବତ, ସଂଗଠିକା ତଥା ସରକାରୀ ଅଧିବକ୍ତା ଅଶ୍ରୁଜାରା ରାଉତ, ଉପଜିଲ୍ଲାପାଳଙ୍କ ବିଭାଗୀୟ ଅଧିକାରୀ ଜେମାମଣି ନାୟକ, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସମ୍ପାଦିକା ଅଞ୍ଜନା ମିଶ୍ର, କବି ତଥା ସଂଗଠକ ନିର୍ମଳ ଚନ୍ଦ୍ର ବେହୁରିଆ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଭଦ୍ରକର ଦିଶିଷ୍ଟ ସୃଷ୍ଟିଶୀଳତା ସଂଗ୍ରାମୀ ତଥା ସମାଜ ସେବିକା ଅନୁପୂର୍ଣ୍ଣା ଦେବୀଙ୍କ ସ୍ମୃତିରେ ଚତୁର୍ଥ ସନ୍ଧ୍ୟା ମଂଚକୁ ଉତ୍ସର୍ଗ କରାଯାଇଥିଲା । ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସଭାନେତ୍ରୀ ଲକ୍ଷନା ଜେନା ସ୍ୱାଗତ ଭାଷଣ, ଓ ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ସହସଂପାଦିକା ଚିତ୍ରାଳି ଖିଲାର ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ । ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ ଓ ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଡଂ. ଅଲୟ ସୂତାର, ସମ୍ପାଦକ ଭବିନାରାୟଣ ଖିଲାର, ଆବାହକ ନୀହାର ରଞ୍ଜନ କର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିନୟ ରାଣ୍ଡା ପଣ୍ଡା ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ । ଏମ୍‌ଏମ ଡ୍ୟାନ୍ସ ଗ୍ରୁପ, ଭଦ୍ରକର ଜନାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଶୈବ ପ୍ରାସାଦ ଓ ସତ୍ୟସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ପାଟପୁର, ୦୮/୦୫(ଆ.ପ୍ର) : ପାଟପୁର ବ୍ଲକ୍ ଗୁଣ୍ଡୁରା ଗ୍ରାମରେ ଥିବା ଚନ୍ଦ୍ରଶେଖର ମହାଦେବଙ୍କ ଶୈବ ପ୍ରାସାଦ ଓ ସତ୍ୟସାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ସୋମବାର ଠାରୁ ଆରମ୍ଭ ହୋଇ ଶୁକ୍ରବାର ରାବଣାପିତ ହୋଇଛି । ଏହି ଉତ୍ସବ ପାଂଚ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମ ଦିବସରେ ଗ୍ରାମର ମହିଳାଙ୍କ ସମେତ ଆଖପାଖ ଗ୍ରାମର ମହିଳା ମାନେ ଫୁଲୋଳା ନଦୀରୁ ଜଳ ସଂଗ୍ରହ କରିଥିଲେ । ପୂଜାୟଜ୍ଞକ୍ରମେ ମଣ୍ଡଳ, ଦୀକ୍ଷାଗ୍ରହଣ ଓ ଅଙ୍କୁରାରୋପଣ, ବନଜାଗ, ରତ୍ନମୁଦ୍ର, ଠାକୁରଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଥିଲା, ଶେଷ ଦିବସରେ ଦ୍ୱାର, ତ୍ରିଶୂଳ, ଧ୍ୱଜ, ଦେବତା ପ୍ରବେଶ ଓ ଠାକରଙ୍କୁ ଗ୍ରାମ କ୍ରମଣ ସହ ପୂର୍ଣ୍ଣାହୁତି ହେଇଥିଲା । ସେହିଭଳି ସାଇବାବାଙ୍କ ନୂତନ ମନ୍ଦିର ସହ ନୂତନ ବିଗ୍ରହ ପ୍ରତିଷ୍ଠା ହେଇଥିଲା । ମହାଦେବଙ୍କ ନିକଟରେ ଜର୍ଦ୍ଦା ଭାବେ ଗ୍ରାମର ଜଗବନ୍ଧୁ ମହାପାତ୍ର ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ମହାପାତ୍ର ଥିବା ବେଳେ ସାଇବାବାଙ୍କ ମନ୍ଦିରରେ କୁଣ୍ଡିଆ ବାଗାଡି ଓ ତାଙ୍କ ସ୍ତ୍ରୀ ଜର୍ଦ୍ଦା ହେଇଥିଲେ । ମୁଖ୍ୟ ପୁରୋହିତ ଅଶୋକ କୁମାର ପାଢ଼ୀଙ୍କ ସହ ୨୫ ଜଣ ପୁରୋହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଦୁଇଟି ମନ୍ଦିରର ପ୍ରତିଷ୍ଠା ପାଇଁ ଗ୍ରାମର ଏକ କମିଟି ଚଢାଉଣ କରୁଥିଲା ବେଳେ ଗ୍ରାମର ଯୁବଗୋଷ୍ଠି ସହଯୋଗ କରିଥିଲେ । ଆଖ ପାଖ ଅଂଚଳରୁ ସଙ୍କୀର୍ତ୍ତନ ମଣ୍ଡଳୀ ଓ ଭକ୍ତ ମାନଙ୍କ ସମାଗମ ହୋଇଥିଲା ।

ଆଦର୍ଶ ଥାନା ପରିସରରେ ଜୁଭେନ୍ତିକା ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜି.ଉଦୟଗିରି, ୦୮/୦୫(ଆ.ପ୍ର) ; ଜି.ଉଦୟଗିରି ଥାନା ପରିସରରେ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଜୁଭେନ୍ତିକା ବା ଶିଶୁ ମାନଙ୍କ ଡିଜିଟାଲ ରାଇଟ୍ ଏବଂ ସୁରକ୍ଷା ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ପୋଲିସର ସିଏଚଟୁ, ସିଡଟୁ , ସିମାଲିଡି ସିଡି ଏବଂ ୟୁନିସେଫର ମିଳିତ ପ୍ରୟାସରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ । ମୋବାଇଲ ବ୍ୟବହାର ଦ୍ୱାରା ଶିଶୁ ମାନେ କିପରି ସାଇବର ଠକେଇରୁ ଶିକାର ହୁଅନ୍ତି ସେ ନେଇ ଭିଡ଼ିଓ ମାଧ୍ୟମରେ ସଚେତନ କରାଯାଇଥିଲା । ନାବାଳିକା ନାବାଳକ ଶିଶୁ, କିଶୋରୀ କିଶୋର ମାନେ ମୋବାଇଲ ବ୍ୟବହାର ସମୟରେ ଡିଜିଟାଲ ଗେମ ଖେଳିବେ, ଭିଡିଓ ଦେଖୁଥିବା ସମୟରେ ଅଜାଣତରେ ଆର୍ଥିକ କାରବାର ସମ୍ବନ୍ଧୀୟ କୁଟିନଗାରି ମୋବାଇଲ ଲିଙ୍କ ରେ ଆସୁଥିବା ସୂଚନାକୁ ସହମତି ଦେବା ଫଳରେ ମୋବାଇଲ ରେ ପୂର୍ବରୁ ଆକ୍ଟିଭ ଥିବା ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଏ ଯାହା ଫେରସ୍ତ ହୋଇପାରେ ନାହିଁ । ତାହା ଛଡ଼ିଡିଓ କଲ ମାଧ୍ୟମରେ କଥା ହେବା ସମୟରେ ବିପରୀତ ମୋବାଇଲ ଷ୍ଟିନ ରେକର୍ଡ଼ ହୋଇଯାଇଥାଏ । ଯାହାକୁ ନେଇ ଅପରାଧୀ ମାନେ ରେକର୍ଡ଼ ହୋଇଥିବା କ୍ଲିପିଙ୍କୁ ଏଡିଟ କରି ବ୍ଲାକମେଲ କରିଥାନ୍ତି । କାର୍ଯ୍ୟକ୍ରମରେ କିଶୋରୀମାନଙ୍କୁ ଅନଲାଇନ ସୁରକ୍ଷା, ସୋସିଆଲ ମିଡିଆର ସତର୍କ ବ୍ୟବହାର, ସାଇବର ଅପରାଧରୁ କିପରି ସୁରକ୍ଷିତ ରହିବେ ଓ ମାନସିକ ଚାପକୁ କିପରି ଦୂର କରିବେ ସେନେଇ ସଚେତନ କରାଯାଇଥିଲା । ଏହା ସହ ପୋଲିସ ଥାନା ପରିଦର୍ଶନ କରାଯାଇ ଶିଶୁ, କିଶୋରୀ ମାନଙ୍କ ସେବା ବିଷୟରେ ମଧ୍ୟ ଅବଗତ କରାଯାଇଥିଲା । ବର୍ତ୍ତମାନ ସମାଜରେ ସାଇବର ଅପରାଧୀ ମାନେ ସକ୍ରିୟ ଥିବା ବେଳେ ବିଭିନ୍ନ ସମୟରେ କିଶୋରୀ କିଶୋର ମାନଙ୍କୁ ବ୍ୟାକମେଲ କରି ଅର୍ଥ ଆଦାୟ କରୁଥିବା ନଜିର ରହିଛି । ମୋବାଇଲ, ଲାପଟପ ର ବହୁଳ ବ୍ୟବହାର ହେଉଥିବା ବେଳେ ଅପରାଧ ମଧ୍ୟ ବଢ଼ିବାରେ ଲାଗିଛି । ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆଦର୍ଶ ଥାନା ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ରେ ସ୍ଥାନୀୟ ଏଏସିପି ଆରପିଏସ ଅନୁସୁଯିନ୍ଦା ମାଝୁଟି ରେଡି, ଏସଆଇ ରୂପେଶ ବଳେଜ, ଏସଆଇ ପ୍ରଦୀପ ରାଉତ, ଏଏସଆଇ ରବୀନ୍ଦ୍ର ସେଠି, ବଂଟି ବଣ୍ଡିଆ, ବୁଲୁ ବେହେରାଙ୍କ ସମେତ ମହିଳା କନେଷ୍ଟେବଲ ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ, କାଉଁସିଲର ଯାଜେଶ ପ୍ରଧାନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କଳ୍ପନା ଶତପଥୀ, ବିଜିନ୍ସ ଅଙ୍ଗନୱାଡ଼ି କେନ୍ଦ୍ରର ୫ ଜଣ କର୍ମଚାରୀଙ୍କ ସହ ୨୫ରୁ ଊର୍ଦ୍ଧ୍ୱ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ ।

ନୂଆପଡ଼ା ଜିଲ୍ଲା ଷଷ୍ଠ ଜିଲ୍ଲାପରିଷଦ ବୈଠକ ଆଜି ସଦଭାବନା ସଭାଗୃହରେ ଅନୁଷ୍ଠିତ

ନୂଆପଡ଼ା, ୦୮/୦୫(ଆ.ପ୍ର) : ମଇ ୮ ତାରିଖ ସକାଳ ୧୦ ଘଣ୍ଟା ସମୟରେ ଷଷ୍ଠ ଜିଲ୍ଲାପରିଷଦ ବୈଠକ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ସାଂସଦ ମନିକିଙ୍ଗ ଦେବ, ନୂଆପଡ଼ା ବିଧାୟକ ମାନ୍ୟବର ଜୟ ଢୋଲକିଆ, ଖରିଆର ବିଧାୟକ ମାନ୍ୟବର ଅରାଜ ମୋହନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ । ଏତଦ୍ବ୍ୟତୀତ ସମସ୍ତ ପାଂଚ ଗୋଟି ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ମାନେ ମଧ୍ୟ ଉପସ୍ଥିତ ରହିଥିଲେ ଓ ଜିଲ୍ଲ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୦୯ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଯାଜପୁର ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ

ଯାଜପୁର, ୦୮/୦୫(ଆ.ପ୍ର) : ଆଜି ଯାଜପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡକ୍ରସ ଶାଖା ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ଜିଲ୍ଲା ପରିଷଦ ସଙ୍ଗିନୀ କକ୍ଷରେ ପାଳିତ ହୋଇଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଜିଲ୍ଲା ରେଡକ୍ରସ ଶାଖା ଅମର କୁମାର ଜର ମାନବ ସେବା, ସହାନୁଭୂତି ଓ ସ୍ୱେଚ୍ଛାସେବାର ମାଧ୍ୟମ୍ ଭାବରେ ଆଲୋକପାତ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଲେ ରେଡକ୍ରସ କେବଳ ଏକ ସଂଗଠନ ନୁହେଁ, ଏହା ମାନବତାର ପ୍ରତୀକ । ବୁର୍ଯ୍ୟୋଗ, ରକ୍ତଦାନ, ସ୍ୱାସ୍ଥ୍ୟ ସଚେତନତା ଓ ସେବା କ୍ଷେତ୍ରରେ ରେଡକ୍ରସର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ବିପଦ ଗ୍ରସ୍ତ ପ୍ରଜାର କୃତକୃତ୍ୟ ସଂରକ୍ଷଣ କରି ରଖିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ କହିଲେ ସମାଜର ଅସହାୟ ଓ ଦୁର୍ବଳ ବର୍ଗଙ୍କୁ ସହଯୋଗ କରିବା ହିଁ ରେଡକ୍ରସର ମୂଳ ଲକ୍ଷ୍ୟ । ଯୁବପିଢ଼ିଙ୍କୁ ଏହି ସେବା ମନୋଭାବରେ ସାମିଲ କରିବା ଆବଶ୍ୟକ । ରକ୍ତଦାନ ଓ ସାମାଜିକ ସେବା ମାଧ୍ୟମରେ ରେଡକ୍ରସ ଲୋକଙ୍କ ମନରେ ଏକ ବିଶ୍ୱାସର ପରିବେଶ ସୃଷ୍ଟି କରିଛି । ଆଗାମୀ ଦିନରେ ମଧ୍ୟ ଏହି ସେବା କାର୍ଯ୍ୟ ଅଧିକ ବ୍ୟାପକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷରେ ଜିଲ୍ଲା ରେଡକ୍ରସ୍ ସଂସ୍ଥା ଦ୍ୱାରା ୧ ଟି ରକ୍ତ ଦାନ ଶିବିର କରାଯାଇ ୪୨ ୟୁନିଟ ର ରକ୍ତ ସଂଗ୍ରହ କରାଯାଇଥିଲା । ରେଡକ୍ରସ୍ ପାଣ୍ଠିରୁ ଭଲ ଶିକ୍ଷା, ନାମ ଲେଖାଇବା ନିମନ୍ତେ ଅର୍ଥ ରାଶି, ମେଡିକାଲ ଶିକ୍ଷାର୍ଥୀଙ୍କ ନିମନ୍ତେ, ଆଜକୁଆ ଦୁର୍ଘଟଣା ତଥା ସଡ଼କ ଦୁର୍ଘଟଣା ଜନିତ ସମୟରେ ଆହତ ବ୍ୟକ୍ତି ଏବଂ ମୃତ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା, ଭିନ୍ନକ୍ଷମ ପିଲାମାନଙ୍କ ଖେଳିବା ନିମନ୍ତେ, ନିରାମୟ ଔଷଧ କେନ୍ଦ୍ରରେ ମରୁଡ଼ି କହୁବା ଔଷଧ ବାହାରୁ କିଣି ରୋଗୀଙ୍କ ପାଖରେ ପହଂଚାଇବା ନିମନ୍ତେ ରେଡ କ୍ରସ ପାଣ୍ଠି ତରଫରୁ ଯେଉଁ ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଛି ଅତିରିକ୍ତ ଜିଲ୍ଲାପାଳ ତାହାର ବିବରଣୀ ପାଠ କରିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ୧,୦୯,୨୭,୩୭୮ ଟଙ୍କା ସଂଗ୍ରହ ହୋଇଥିବାବେଳେ ୨୮,୦୯,୨୦୦ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ସଞ୍ଚାଳିତ ଅତିଥି ଭାବେ ଯୋଗଦେଇ ରେଡକ୍ରସର ଜନକ ହେନେରି ଡୁନାଂଟଙ୍କ ବିଷୟରେ ବକ୍ତବ୍ୟ ରଖିବା ସହ କହିଲେ ଦୁର୍ବିପାକ ସମୟରେ ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କ ନିଷ୍ଠାପୂର୍ଣ୍ଣ ସେବା ସମାଜ ପାଇଁ ପ୍ରେରଣାଦାୟକ । ସମସ୍ତେ ରେଡକ୍ରସର କାର୍ଯ୍ୟକ୍ରମରେ ସାମିଲ ହୋଇ ମାନବ ସେବାରେ ନିଜକୁ ନିଯୁକ୍ତ କରିବା ଉଚିତ । ସେକ୍ରେଟାରୀ, ଜିଲ୍ଲା ରେଡକ୍ରସ ବ୍ରାଂଚ କୁମଦିଣୀ ନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ କହିଲେ ପ୍ରତିବର୍ଷ ମେ ୮ ତାରିଖରେ ମାନବତାର ପ୍ରତୀକ ଏବଂ ରେଡକ୍ରସ ଆନ୍ଦୋଳନର ପ୍ରତିଷ୍ଠାତା ହେନ୍ରୀ ଡୁନାଂଟଙ୍କ ଜନ୍ମଦିନକୁ ସ୍ମରଣ କରି ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଏ । ଏହାର ଉଦ୍ଦେଶ୍ୟ ଲୋକମାନଙ୍କୁ ସେବା ଯୋଗାଇବେବା । ଏବେ ଏହାର ବ୍ୟାପକ ପ୍ରଚାର ହେଲାଣି ଯାହାକି ଜୀବନ ବିଜିଷା ସେବା ନୁହେଁ ଜୀବନ ରକ୍ଷା, ଭଲ ଶିକ୍ଷା ଓ ଖେଳ ଇତ୍ୟାଦି କ୍ଷେତ୍ରରେ ମଧ୍ୟ ରେଡକ୍ରସ୍ ସେବା ଯୋଗାଇ ଦିଆଯାଇଛି । ରେଡକ୍ରସର ଆଦର୍ଶ ହେଉଛି ନିଷ୍କାମ ସେବା । ସମାଜରେ ସହଯୋଗ ଓ ମାନବିକତାର ଭାବନା ବୃଦ୍ଧି ପାଇଁ ଏହିଭଳି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲାପାଳଙ୍କ ଉଦ୍ୟମରେ ଗତ ବର୍ଷ ତୁଳନାରେ ଏ ବର୍ଷ ରେଡକ୍ରସ୍ ପାଣ୍ଠି ଦ୍ୱିଗୁଣିତ ହୋଇପାରିଛି । ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ, କଳିଙ୍গ ନଗର ସପନ କୁମାର ନନ୍ଦ, ଅଧ୍ୟକ୍ଷ ପୌର ପରିଷଦ, ଯାଜପୁର ରାଜୁଲତା ହୋତା, ଏଡିଏମଓ ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡକ୍ରସ୍ ଦିବସର ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟକ୍ରମରେ ରେଡକ୍ରସର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବୈଠକର ପ୍ରାରମ୍ଭରେ ରେଡ କ୍ରସ୍ ସଦସ୍ୟା ଆଜଲୋକେଟ ପ୍ରମୋଦ ମହାନ୍ତିଙ୍କ ମୃତ୍ୟୁରେ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା । ମା' ବିରଜା ଓ ହେନେରୀ ଡ୍ୟୁନାଂଟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ପଚାଶ ହଜାରରୁ ଊର୍ଦ୍ଧ୍ୱ ରାଶି ରେଡକ୍ରସ୍ ପାଣ୍ଠିକୁ ଦାନ କରିଥିବା ଅନୁଷ୍ଠାନ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ସେଥି ମଧ୍ୟରୁ ଏମଏସ ଟାଟା ଷ୍ଟିଲ ଲିମିଟେଡ ଟ. ୧୫,୦୦,୦୦୦ ଅର୍ଥ ରାଶି ଦାନ କରି ପ୍ରଥମ ସ୍ଥାନ, ସିଏସଜି, ଯାଜପୁର ଟ. ୧୨,୫୮,୦୦୦ ଅର୍ଥରାଶି ଦାନ କରି ଦ୍ୱିତୀୟ ସ୍ଥାନ ଓ ଏମଏସ ଜିନ୍ଦଲ ଷ୍ଟେନ୍ଲେସ ଲିମିଟେଡ ଟ. ୧୦,୦୦,୦୦୦ ଦାନ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି । ଜିଲ୍ଲା ଶିକ୍ଷା ଜାର୍ଯ୍ୟାଳୟର ଖେଳ ନିରୀକ୍ଷକଏହି ଆର୍ଥିକ ବର୍ଷରେ ଜିଲ୍ଲା ଜୁନିଅର ରେଡକ୍ରସ୍ ସଂସ୍ଥା (ସ୍କୁଲସ୍ତରରେ) ପକ୍ଷରୁ କରାଯାଇଥିବା ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ଏବଂ ଯୁଥ୍ ରେଡକ୍ରସ ସଂସ୍ଥା (କଲେଜସ୍ତରରେ) କରାଯାଇଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ବିବରଣୀ ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ, ଜିଲ୍ଲା ରେଡକ୍ରସ ସଂସ୍ଥାର ସଦସ୍ୟ ବୃନ୍ଦ, ବୁଦ୍ଧିଜୀବୀ, ବିଦ୍ୟାଳୟର ଛାତ୍ର ଛାତ୍ରୀ, ସମାଜସେବୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ ।

କଲ୍ୟାଣସିଂହପୁର ଥାନା ପରିସରରେ ଜୁଭେନଟିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କଲ୍ୟାଣସିଂହପୁର, ୦୮/୦୫(ଆ.ପ୍ର) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଥାନା ପରିସରରେ ଓଡିଶା ପୁଲିସ ଓ ୟୁନିସେଫ ମିଳିତ ଆନୁକୂଲ୍ୟରେ ଜୁଭେନଟିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁଲିସ (ଡିକି) ପୁଲିସ ମହା ନିର୍ଦ୍ଦେଶକ ଯୋଗେସ କୁମାର ଖୁରାନିଆ ଭିଡିଓ କନ୍ फ्रେନ୍ସିଂ ମାଧ୍ୟମରେ ଯୁବତୀ ମାନଙ୍କୁ ସଚେତନତା କରିଥିଲେ । ଏଥିରେ ପିଲାମାନଙ୍କୁ ଇଂଟରନେଟ୍ ସୁରକ୍ଷା, ସାଇବର ଠକେଇ, ଅନଲାଇନ୍ ଠକେଇ ଓ ଅଶ୍ଳୀଳ କଂଟେଂଟ ଠାରୁ ସୁରକ୍ଷା ଦେବା ସେହିପରି ସୋସିଆଲ୍ ମିଡିଆର ସଠିକ୍ ବ୍ୟବହାର ବିଷୟରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ କଳ୍ପନା ବେହେରା, ସମ୍ମାନିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମମତା ରାଣୀ ଦାସ, ସୁପରଭାଇଜର ଜ୍ୟୋତ୍ସ୍ନାରାଣୀ ପଣ୍ଡା, ରେଣୁ ବାଳା ପରିଡା, ଏଏସ ଆଇ ବିଲ୍ୱାପ ମାଝୀ, ସଞ୍ଜୟ ପଟ୍ଟନାୟକ ସମେତ ଅଙ୍ଗନବାଡି କର୍ମୀ ଓ କିଶୋରୀ ବାଳିକା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ଥାନାର ସମସ୍ତ ପୋଲିସ୍ ଅଧିକାରୀ ସହଯୋଗ କରିଥିଲେ ।

ଲହୁଣୀପଡ଼ା ବିଜେପି ପକ୍ଷରୁ 'ଜନ ଆକ୍ରୋଶ ମହିଳା ପଦଯାତ୍ରା'

ବଶାଇଁ, ୦୮/୦୫(ଆ.ପ୍ର) : ଭାରତୀୟ ଜନତା ପାର୍ଟି, ଲହୁଣୀପଡ଼ା ମଣ୍ଡଳ ପକ୍ଷ ରୁ ଲହୁଣୀପଡ଼ା ଠାରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ସଂସଦ ରେ ନାରୀ ବନ୍ଧନ ଅଧିନିୟମକୁ ଶାସକ ବିଜେପି ପାସ୍ କରିବା ପାଇଁ ଆଧିବେଶନ ଡାକି ଥିବା ବେଳେ ବିରୋଧୀ ଦଳ ଗୁଡ଼ିକ ଏହାକୁ ବିରୋଧ କରିଥିଲେ । ମହିଳା ବର୍ଗଙ୍କୁ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ସଂରକ୍ଷଣ ଦେବା ପାଇଁ ଏହି ବିଲ୍ ଇଚ୍ଛିତ ଥିଲା । ତେବେ ବିରୋଧୀ ଦଳ ଗୁଡ଼ିକ ଏହି ବିଲ୍‌କୁ ପାରିତ ନ କରେଇ ଦେବା ପାଇଁ ବିଲ୍ ବିପକ୍ଷ ରେ ଭୋଟ ଦେଇ ଥିଲେ । ଏଣୁ ଏହା ମହିଳା ସଶକ୍ତି କରଣର ବିରୋଧୀ ବୋଲି ବିଜେପି ଲହୁଣୀ ପଡ଼ା ପକ୍ଷରୁ ଶହ ଶହ ମହିଳା ଜନତା ବ୍ୟାଳ ପରିଧାନ କରି ଜନ ଆକ୍ରୋଶ ପଦ ଯାତ୍ରା ରେ ସାମିଲ ହୋଇ ଥିଲେ । ପଦ ଯାତ୍ରା ଶିବ ମନ୍ଦିର ନିକଟରୁ ଆରମ୍ଭ ହୋଇ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା । ପଦଯାତ୍ରା ପରେ ମହିଳା ବିରୋଧୀ ନେତା ମାନଙ୍କ କୁଶ ପୁତ୍ତଳିକା ଦାହ କରା ଯାଇଥିଲା । କାର୍ଯ୍ୟକ୍ରମର ନେତୃତ୍ୱ ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ପ୍ରଭାରୀ ଯମୁନା ମୁଣ୍ଡା ନେଇଥିବା ବେଳେ ମହିଳା କାର୍ଯ୍ୟକର୍ତ୍ତାଙ୍କ ସହ ରାଉରକେଲା ବିଜେପି ଜିଲ୍ଲା ସମ୍ପାଦକ ଜୟନ୍ତୀ ମାହାନ୍ତ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅନିଲ କୁମାର ମାହାନ୍ତ, ମଣ୍ଡଳ ପଦାଧିକାରୀ ଜଳଧର ମାହାନ୍ତ, ନାରାୟଣ କୁଣ୍ଡାର, ଡିଲେଶ୍ୱର ମାଝୀ, କାର୍ତ୍ତିକ ମାହାନ୍ତ, ନରେନ୍ଦ୍ର କିସାନ, କିରଣ କାଲୋ, ତପୁ କିସାନ, ଭୁବନେଶ୍ୱର ବେହେରା, ସୁରେଶ କୁମାର ଚୌହାନ ପ୍ରମୁଖ ସହଯୋଗ କରିଥିଲେ ।

କେ. ନୂଆଗାଁ ପୋଲିସ ତରଫରୁ ସଚେତନତା କାର୍ଯ୍ୟକ୍ରମ ଜୁଭେନଟିକା

ଚିକିଟୀ, ୦୮/୦୫(ଆ.ପ୍ର) : ମହିଳା ମାନଙ୍କ ପ୍ରତି ସମାଜରେ ବଢ଼ି ଚାଲିଥିବା ଅପରାଧରେ ସ୍ତମ୍ଭିତ ଆଣିବା ପାଇଁ କିଶୋରୀ ବାଳିକା ମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଶନିବାର ବିଭିନ୍ନ ପୋଲିସ ଥାନାରେ ସଚେତନତା କାର୍ଯ୍ୟକ୍ରମ 'ଜୁଭେନିଟିକା' ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଚିକିଟୀ ବ୍ଲକ ଅନ୍ତର୍ଗତ କେ. ନୂଆଗାଁ ଥାନାରେ ମଧ୍ୟ ଆଇଆରବି ବିଶ୍ୱଜିତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତାର ସହିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୋଲିସ ସହ ସୁସମ୍ପର୍କ ସ୍ଥାପନ, ଅପରାଧର ସାମାନ୍ୟ ସୂଚନା ମିଳିବା କ୍ଷଣି ପୋଲିସକୁ ଜଣେଇବା, ମୋବାଇଲର ସଠିକ ବ୍ୟବହାର, ସାଇବର ଠକେଇ,ସାମାଜିକ ଘଟଣାକୁ ନେଇ ଖରାପ ନିଷ୍ପତ୍ତି ନେବା ଆଦି ବିଭିନ୍ନ ବିଷୟରେ ଉପସ୍ଥିତ କିଶୋରୀ ବାଳିକାଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ସଚେତନତା କାର୍ଯ୍ୟ ଦିଆଯାଇଥିଲା । ପୋଲିସ ଉପରେ ଭରସା କରି ନିଜର ଓ ନିଜ ଅଂଚଳର ଯେକୌଣସି ଅସୁବିଧା ସମୟରେ ପୋଲିସର ସହାୟତା ନେବାକୁ ବୈଠକରେ କୁହା ଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିକିଟୀ ଏସଡିପିଓ ବିଶ୍ୱଜିତ ନରସିଂହ ଉପସ୍ଥିତ ରହି ଜିଶୋରୀ ବାଳିକାଙ୍କୁ ଉଚ୍ଚାହିତ କରିଥିଲେ । କାର୍ଯ୍ୟକ୍ରମରେ ଚିକିଟୀ ଫାଣ୍ଡି ଅଧିକାରୀ ଗୌତମ ସାହୁ, ଅଙ୍ଗନବାଡି କର୍ମୀ, ଥାନା କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ଦଶପଲ୍ଲା ପୋଲିସ ପକ୍ଷରୁ 'ଜୁଭେଂଟିକା' କାର୍ଯ୍ୟକ୍ରମ

ଦଶପଲ୍ଲା, ୦୮/୦୫(ଆ.ପ୍ର) : ଦଶପଲ୍ଲା ପୋଲିସ ପକ୍ଷରୁ ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷା, ସଚେତନତା ଓ ସଶକ୍ତିକରଣ ଉଦ୍ଦେଶ୍ୟରେ 'ଜୁଭେଂଟିକା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦଶପଲ୍ଲା ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଓ ଛାତ୍ରୀମାନେ ଯୋଗଦେଇଥିଲେ । ଏହି ଅବସରରେ ପୋଲିସ ପକ୍ଷରୁ ସାଇବର ଠକେଇ, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର, ମହିଳା ନିର୍ଯାତନା ପ୍ରତିରୋଧ ଏବଂ ଆପତ୍କାଳୀନ ସମୟରେ ପୋଲିସ ସହାୟତା କିପରି ନିଆଯିବ ସେନେଇ ବିସ୍ତୃତ ସଚେତନତା ପ୍ରଦାନ କରାଯାଇଥିଲା । ଥାନା ଅଧିକାରୀ ଶ୍ରୀ ପରିଡା କହିଥିଲେ ଯେ, ମହିଳା ଓ ଛାତ୍ରୀମାନେ ସଚେତନ ହେଲେ ଅନେକ ଅପରାଧକୁ ରୋକାଯାଇପାରିବ । ସେମାନେ ନିର୍ଭୟରେ ଆଗକୁ ଆସି ଅନ୍ୟାୟ ବିରୋଧରେ ସ୍ୱର ଉଠାଇବାକୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଛାତ୍ରୀ ଓ ମହିଳାମାନେ ଏପରି ସଚେତନତାମୂଳକ ପଦକ୍ଷେପକୁ ସ୍ୱାଗତ କରିଥିଲେ ।

ଶିଶୁ ସୁରକ୍ଷା ଆଇନ ଶିଖିଲେ ପିଲା

ହାତଡ଼ିହି, ୦୮/୦୫(ଆ.ପ୍ର) : ହାତଡ଼ିହି ବ୍ଲକ ସୋସ ଓ ନନ୍ଦିପଦା ଥାନା ଅଧୀନରେ ଶିଶୁ ସୁରକ୍ଷା ଓ ସେମାଙ୍କ ପାଇଁ ଇଚ୍ଛିତ ନିୟମ ବିଷୟରେ ସଚେତନତା ଅଭିଯାନ ଚାଲୁଅଛି । ଏହି ଅଭିଯାନରେ ଛୋଟ ପିଲା ମାନଙ୍କୁ ଅଶାଳୀନ ମନବ୍ୟ, ଫୋନ କଲ୍‌ରେ ଖରାପ ମେସେଜ, ସୋସିଆଲ ମିଡ଼ିଆ ସୁରେ ଫଟୋ ସହ ବାଲ୍ୟ ବିବାହ, ଲଟେରୀ ଜିତିବା, ଡାହା ଛଡା ହଇରାଣ ହରକତ କରିବାର ଦ୍ୱାରା ପୋଲିସ କିପରି ସେମାନଙ୍କର ବନ୍ଧୁ ଭାବେ ରହି କାର୍ଯ୍ୟ କରିବ ସେ ବୁଝାଇବା ଥିଲେ । ଏହି କାର୍ଯ୍ୟକ୍ରମରେ ପୋଲିସ ଡିକିରି ନିର୍ଦ୍ଦେଶ ଭ୍ରମେ ପ୍ରତି ଥାନା ଅଧୀନରେ ହୋଇଥିବା ବେଳେ ନନ୍ଦିପଦା ଥାନାରେ ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୋସୋ ଥାନା ଅଧିକାରିଣୀ କାଳନ ସାହୁ, ରହିଥିବା ବେଳେ ଶିଶୁ ମଙ୍ଗଳ ସୁରକ୍ଷା ଅଧିକାରୀ ଭାବେ ନନ୍ଦିପଦରେ ସୁଷ୍ମା ସୁରୁରୀ ସେଠା, ସୋସୋ ରେ ମହିମା ମଣି ଟୁଡୁ ରହୁଥିଲେ । ଏହି କାର୍ଯ୍ୟକ୍ରମରେ ହାତଡ଼ିହି ବ୍ଲକ ଶିଶୁ ମଙ୍ଗଳ ସୁରକ୍ଷା ଅଧିକାରିଣୀ ଭାବେ ସୋସୋ ରେ ନିରୁପମା ରାଉତ, ଆମ ପୋଲିସ ସବଦ୍ୟ ସୁଧାଂଶୁ ଦଶିଣ ରାଓଙ୍କ ସହ ବନିଆ ବାରିକ, ବିନିତା ଲାଡ଼ା, ଜମ୍ବୁବତୀ ପାତ୍ରଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ । ଏଥିରେ ବ୍ଲକ ଥାନାରେ ପାଖା ପାଖି ୫୦ରୁ ଅଧିକ ୧୪ବର୍ଷରୁ ଅଧିକ ୧୮ବର୍ଷ ରୁ କମ ବାଳିକା ଯୋଗ ଦେଇଥିଲେ ।

ସ୍ୱର୍ଗତ ଦେବରାଜ ଗଉଡ଼ଙ୍କ ଶ୍ରଦ୍ଧାଞ୍ଜଳି ସଭା

ଧର୍ମଗଡ, ୦୮/୦୫(ଆ.ପ୍ର) : କଳାହାଣ୍ଡି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଅୁଆପଦର ଠାରେ ସ୍ୱର୍ଗତ ଦେବରାଜ ଗଉଡ଼ଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି! ସଦର ବ୍ଲକ ଯାଦବ ସମିତି ସଭାପତି ଦେବରାଜ ଗଉଡ଼ଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି! ସଦର ବ୍ଲକ ଯାଦବ ସମିତି ସଭାପତି ଦେବରାଜ ଗଉଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ସମ୍ପାଦକ ପ୍ରିୟାଂଶ ନାୟକ, ପୂର୍ବତନ ଜିଲ୍ଲା ସଭାପତି ଉମ୍ବରୁଧର ଲହଜନ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା କବି ସିମାଂଚଳ ନାଗ, ବିଶିଷ୍ଟ ଲୋକଗାତ କଣ୍ଠ ଶିଳ୍ପୀ ସର୍ବେଶ୍ୱର ଭୋଇ,କେସିଙ୍ଗା ଓକିଲ ସଂଘ ସଭାପତି ଗୁଲୁ ପ୍ରଧାନ ବଗର୍ତୀ, ପୂର୍ବ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ରାଣୀ ବଗର୍ତୀ, ଜଂଗ୍ରେସ ଜିଲ୍ଲା ଉପସଭାପତି ନରଉରି ଦାଗ, ସମାଜବାଦୀ ପାର୍ଟି ଜିଲ୍ଲା ସଭାପତି ଜଗଦିଶ ଯାଦବ, କରଲାମୁଣ୍ଡା ବ୍ଲକ ଯାଦବ ସମିତି ସଭାପତି ଗରୁଡ଼ ଧୃବ ରହାଗ, କେସିଙ୍ଗା ବ୍ଲକ ଯାଦବ ସମିତି ସଭାପତି ପାନଲାଲ ଦେବମାଲ, ସମ୍ପାଦକ ମହାପାତ୍ର ନାୟକ, ସମାଜସେବୀ ସଚ୍ଚିଦାନନ୍ଦ ମହାଖୁଡ଼, ଯାଦବ କର୍ମଚାରୀ ସଙ୍ଘ ସଭାପତି ଲକ୍ଷ୍ମଣ ବଛା, ସମ୍ପାଦକ ନୀଳକଣ୍ଠ ଗଉଡ଼, ପୂର୍ବ ବ୍ଲକ ସଭାପତି କେଦାର ଖରସେଲ, ପ୍ରଫୁଲ୍ଲ ନାୟକ, ଯାଦବ ଏକତା ମଂଚ ଆବାହକ ସଦାନନ୍ଦ ଚନ୍ଦନ,ବିଶିଷ୍ଟ ସମାଜସେବୀ କେଶରୀ ନାୟକ, ଅୁଆପଦର ସରପଂଚ ବିଶାମର ଲୋହା, କିସ ସଂଯୋଜକ ଦୁଖୁନ୍ତ ପ୍ରଧାନ, ଜିଲ୍ଲା ଆଦିବାସୀ ସମ୍ପ ପୂର୍ବ ସଭାପତି ପଦ୍ମ ବିଶୋଇ ପୃଥିରାଜ, ରାଜିକ ସୁଧାର ଧଙ୍କଡ଼ା ମାଝୀ, ସାମାଦିକ ସୁଧାର ଗୋପାଳ, ଲାଞ୍ଜିଗଡ଼ ବ୍ଲକ ଯାଦବ ସମିତି ଉପ ସଭାପତି ଶୋଭାଚନ ଛତର, ଗୋଲାମୁଣ୍ଡା ବ୍ଲକ ଉପ ସଭାପତି ରେବା କଟା, ଯାଦବ ଏକତା ମଂଚ ସଂଗଠକ ବିଶ୍ୱନାଥ ବଗର୍ତୀ, ସହ ସଂଗଠକ ଅଭିମନ୍ୟୁ ବାଗ, ସମାଜସେବୀ ବୟା ହଂସ, ଆଦିତ୍ୟ ହଂସ, କୈଳାସ୍ୟ ଗଉଡ଼ ପ୍ରମୁଖ ସ୍ମୃତିଚାରଣ କରି ଶୋକ ସନ୍ତପ୍ତ ପରିବାରକୁ ସମବ

ସିଧାସଳଖ
ଆରମ୍ଭ
SEITHO ARAMBHA

ଶନିବାର, ୦୯ ମଲ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୮

ଆଇପିଏଲ ୨୦୨୬: ମାର୍ସ, ପ୍ରିନ୍ସ ଲକ୍ଷ୍ନୌକୁ ଜିତାଇଲେ ଆରସିବିକୁ ୯ ରନ୍‌ରେ ହରାଇଲେ

ଲକ୍ଷ୍ନେ,୮/୫(ନ୍ୟୁ.ଏ):ଚଳିତ ଆଇପିଏଲ୍‌ରେ ଗୁରୁବାର ବିଜେତା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ରୋମାଂଚକ ଭାବେ ୯ ରନ୍‌ରେ ପରାସ୍ତ କରିଛି ଲକ୍ଷ୍ନେ ସୁପର ଜାଏଣ୍ଟସ୍ । ବର୍ଷାବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଆରସିବିକୁ ୧୯ ଓଭରରେ ୨୧୩ ରନ୍ ଲକ୍ଷ୍ୟ ମିଳିଥିଲା । ଆରସିବି କିନ୍ତୁ ପ୍ରଥମ ଦୁଇ ଓଭର ଭିତରେ ଏହାର ପ୍ରାରମ୍ଭିକ ଯୋଡ଼ି କ୍ୟାଚକ୍ ବେଥେଲ୍ ଓ ବିରାଟ କୋହଲିଙ୍କୁ ହରାଇବା ପରେ ୨୦୩/୬ରେ ଅଟକିଯାଇଥିଲା । ରଜତ ପଟିଦାର, ଟିମ୍ ଡେଭିଡ୍, ଜୁନାଲ୍ ପାଣ୍ଡ୍ୟା, ଦେବଦତ୍ତ ପଡ଼ିକଲ ପ୍ରମୁଖ ଲଢ଼ିଥିଲେ ବି ତାହା ଯଥେଷ୍ଟ ହୋଇ ନଥିଲା । ଶେଷ ଓଭରରୁ ୨୦ ରନ୍ ଆବଶ୍ୟକ ହେଇଥିଲା ବେଳେ ବିରାଟେଶ ରାଠିଙ୍କଠାରୁ ଜୁନାଲ ଓ ସେଫର୍ଡ ମାତ୍ର ୧୦ ରନ ଆଦାୟ କରିପାରିଥିଲେ । ୩ ଥର ବର୍ଷା ବାଧା ଆଣିଥିବାରୁ ମ୍ୟାଚ୍‌କୁ ୧୯ ଓଭର ବିଶିଷ୍ଟ କରାଯାଇଥିଲା । ଟସ୍ ଜିତି ପ୍ରଥମେ ଷ୍ଟେପ୍‌ରକ୍ଷଣ କରିବାକୁ ନିଷ୍ପତ୍ତି ନେଇଥିଲା ଆରସିବି । ବାରମ୍ବାର ବର୍ଷା ବାଧା ସତ୍ତ୍ୱେ ଅଷ୍ଟେଲୀୟ ଓପନର ମିଚେଲ୍ ମାର୍ସ ଚଳିତ ଋତୁରେ ତାଙ୍କ ଶ୍ରେଷ୍ଠ ପାଳି ଖେଳିଥିଲେ । ପ୍ରଥମ ସୁଯୋଗ ପାଇଥିବା ଅର୍ଶିନୀ କୁଲକର୍ଣ୍ଣି (୨୪ ବଲ୍‌ରୁ ୧୭ ରନ୍) ମନ୍ଥର ଖେଳିଥିଲେ ମଧ୍ୟ ପ୍ରଥମ ଓ୍ୱିକେଟ୍? ପାଇଁ ମାର୍ସଙ୍କ ସହ ୯୫ ରନ୍ ଭଠାଇଥିଲେ । ମାର୍ସ ଜିତୁ ୨୦ ବଲ୍‌ରୁ ଅର୍ଦ୍ଧଶତକ ଓ ୪୯ ବଲ୍‌ରୁ ଶତକ ପୂର୍ଣ୍ଣ କରି ସଂଘର୍ଷରତ ଲକ୍ଷ୍ନେ ?କୁ ଆଶା ଦେଖାଇଥିଲେ । ୯ଟି ଲେଖାଏଁ ଚୌକା ଓ ଛକା ମାରିଥିବା ମାର୍ସ ୫୬ ବଲ୍‌ରୁ ୧୧୧ ରନ୍ କରି ନିଜ ଦେଶର ଜୋସ ହାଜେଲଉଡ୍‌ଙ୍କ ଶିକାର ହୋଇଥିଲେ । ଶେଷକୁ ଅଧିନାୟକ ଋଷଭ ପନ୍ତ୍? (୧୦ ବଲ୍‌ରୁ ୩୨* ରନ୍) ଏବଂ ନିକୋଲାସ ପୂରନ (୨୩ ବଲ୍‌ରୁ ୩୮ ରନ୍) ଆକ୍ରମଣାତ୍ମକ ଖେଳି ଦଳକୁ ୨୦୯ ରନ୍‌ରେ ପହଂଚାଇଥିଲେ । ସଂକ୍ଷିପ୍ତ ସ୍କୋର: ଲକ୍ଷ୍ନେ ସୁପର ଜାଏଣ୍ଟସ ୧୯ ଓଭରରେ ୨୦୯/୩ (ମିଚେଲ୍ ମାର୍ସ-୧୧୧, ନିକୋଲାସ ପୂରନ-୩୮, ଋଷଭ ପନ୍ତ-୩୨*, ଜୁନାଲ୍ ପାଣ୍ଡ୍ୟା-୧/୩୧, ଜୋସ ହାଜେଲଉଡ୍-୧/୪୯, ରସିଖ ସଲାମ-୧/୫୩) । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୯ ଓଭରରେ ୨୦୩/୬ (ରଜତ ପଟିଦାର-୬୧, ଟିମ୍ ଡେଭିଡ୍-୪୦, ଦେବଦତ୍ତ ପଡ଼ିକଲ-୩୪, ଜୁନାଲ୍ ପାଣ୍ଡ୍ୟା-୨୮*, ରୋମାରିଓ ସେଫର୍ଡ-୨୩*, ପ୍ରିନ୍ସ ଯାଦବ-୩/୩୩, ଶାହବାଜ ଅହମଦ-୨/୩୩, ମହମ୍ମଦ ସାମି-୧/୩୩) ।

ଆଉ ଭିଡିଓ କରିପାରିବେ ନାହିଁ ଅର୍ଶଦୀପ ସିଂହ ଖେଳାଳିଙ୍କ ପରିବାର ଉପରେ ରୋକ୍ ଲଗାଇଲା ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ,୮/୫(ନ୍ୟୁ.ଏ):ବିସିସିଆଇର କଡ଼ା ଚେତାବନୀ ପରେ, ଆଇପିଏଲ ଦଳଗୁଡ଼ିକ ସେମାନଙ୍କ ଖେଳାଳିଙ୍କ ଉପରେ କଡ଼ା ନଜର ରଖିବା ଆରମ୍ଭ କରିଛନ୍ତି । ରିପୋର୍ଟ ଅନୁଯାୟୀ ପଞ୍ଜାବ କିଙ୍ଗସ୍ ଅର୍ଶଦୀପ ସିଂହଙ୍କୁ ବର୍ତ୍ତମାନ ପାଇଁ ଛୁଟି କରିବାକୁ ବାଛି କରିଛି । ଭଲୁଖିଯୋଗ୍ୟ ଯେ, ଅର୍ଶଦୀପ ସିଂହ ମ୍ୟାଚ୍ ପରେ ତାଙ୍କ ସାଥୀ ଖେଳାଳିମାନଙ୍କ ସହିତ ପ୍ରାୟତଃ କଥାବାର୍ତ୍ତା କରୁଥିବାର ଦେଖାଯାଏ; ସେ ନିୟମିତ ଭାବରେ ବିମାନବନ୍ଦର, ହୋଟେଲ ଏବଂ ବିମାନରେ ଭିଡିଓ ରେକର୍ଡ ମଧ୍ୟ କରୁଛନ୍ତି । ନିକଟରେ, ପଞ୍ଜାବ କିଙ୍ଗସ୍ ଖେଳାଳି ଏକ ଭିଡିଓ ସୁଟିଂ କରିଥିଲେ ଯେଉଁଥିରେ ଯୁବଲେହ୍ନ ଚହଲ ଲ ସିଗାରେଟ ଟାଣୁଥିବା ଦେଖାଯାଇଥିଲା । ଏହି କ୍ଲିପର ପରବର୍ତ୍ତୀ ସମୟରେ ଏକ ବଡ଼ ବିବାଦ ସୃଷ୍ଟି କରିଥିଲା । ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ଭିଡିଓ ପୋଷ୍ଟ କରିବାରୁ ମଧ୍ୟ ନିଷେଧ କରିଛି । ଭଲୁଖିଯୋଗ୍ୟ ଯେ,'ହନି ଟ୍ରାପ୍'ର ବିପଦକୁ ଦୃଷ୍ଟିରେ ରଖି, ଇଗଲଉ ଓପନ ସମୟରେ ଖେଳାଳି, ସପୋର୍ଟ ଷ୍ଟାଫ୍ ସଦସ୍ୟ ଏବଂ ଟିମ୍ ଅଧିକାରୀଙ୍କ ହୋଟେଲ ରୁମରେ ଅନଧିକୃତ ବ୍ୟକ୍ତିଙ୍କୁ ପ୍ରବେଶ ଉପରେ ନିଷେଧ କରିଛି । ଏହା ବ୍ୟତୀତ, ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଦାବି କରାଯାଇଛି ଯେ, ଜଣେ ଖେଳାଳିଙ୍କ ପ୍ରେମିକା ଦଳ ସମ୍ପର୍କିତ ସୂଚନା ଦୁଇଥର ଲିକ୍ କରିଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ସ୍ପଷ୍ଟ ସୂଚନା ପ୍ରକାଶ ପାଇନାହିଁ । ବିସିସିଆଇ ଟିମ୍ ମାଲିକମାନଙ୍କୁ ଏକ ସୁଖ୍ମ ଚେତାବନୀ ମଧ୍ୟ ଦେଇଛି । ବିସିସିଆଇ ଅନୁଯାୟୀ, ଫ୍ରାଂଚାଇଜ୍ ମାଲିକମାନେ ମ୍ୟାଚ୍ ସମୟରେ ଖେଳାଳିଙ୍କ ସହ କଥାବାର୍ତ୍ତା କରିବା, ସେମାନଙ୍କ ପାଖକୁ ଯିବା କିମ୍ବା ସେମାନଙ୍କୁ ଆଲିଙ୍ଗନ କରିବାକୁ ଚେଷ୍ଟା କରୁଥିବାର ଜିଛି ନଜିର ଦେଖିବାକୁ ମିଳିଛି । ବିସିସିଆଇ ଏପରି ଆଚରଣକୁ ନିଷିଦ୍ଧ କରିଛି । ବିସିସିଆଇ କହିଛି, 'ଆଇପିଏଲ୍ ଫ୍ରାଂଚାଇଜ୍ ମାଲିକ ଏବଂ ସେମାନଙ୍କର ପ୍ରତିନିଧିମାନଙ୍କୁ ମ୍ୟାଚ୍ ସମୟରେ ଡଗ୍ ଆଉଟ୍, ଡ୍ରେସିଂ ରୁମ୍ କିମ୍ବା ପଡ଼ିଆ ଭିତରେ ଖେଳାଳି କିମ୍ବା ଦଳର ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରିବାକୁ - କିମ୍ବା ଶାରୀରିକ ଭାବରେ ନିକଟତର ହେବାକୁ - କଡ଼ାକଡ଼ି ନିଷେଧ କରାଯାଇଛି । ସମସ୍ତ ମାଲିକଙ୍କୁ ଏହି ପ୍ରୋଟୋକଲଗୁଡ଼ିକ ପାଳନ କରିବାକୁ ବାଧ୍ୟ; ଏହି ନିୟମର ଯେକୌଣସି ପ୍ରକାରର ଲଙ୍ଘନ କଲେ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ।'ଏହା ଉଲ୍ଲେଖନୀୟ ଯେ ଏହି ସିଜନରେ, ରାଜସ୍ଥାନ ରୟାଲ୍ସ ପରିଚାଳକ ରୋମି ଭିଣ୍ଡରଙ୍କୁ ଡଗ୍ ଆଉଟ୍ ରେ ବସି ଚାଟ ଫୋନରେ କଥା ହେଉଥିବାର ଦେଖାଯାଇଥିଲା, ଏହି ଘଟଣା ଉପରେ ବିସିସିଆଇ କଡ଼ା ଆପତ୍ତି ଉଠାଇଥିଲା । ଏହା ସହିତ, ଅଧିନାୟକ ରିୟାନ୍ ପରାଗଙ୍କୁ ଇସିଗାରେଟ ନେଉଥିବାର ଦେଖାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ଜରିମାନାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ସାଉଦି ଓ କୁୱେତର ବଡ଼ ନିଷ୍ପତ୍ତି, ଆମେରିକାକୁ ଏୟାରବେସ ବ୍ୟବହାର ଅନୁମତି

ନୂଆଦିଲ୍ଲୀ,୮/୫(ନ୍ୟୁ.ଏ):ସାଉଦି ଓ କୁୱେତର ବଡ଼ ପଦକ୍ଷେପ । ଆମେରିକାକୁ ବେଳେ ଏୟାରବେସ ବ୍ୟବହାର ଅନୁମତି । ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ସାଉଦି ଆରବ ଏବଂ କୁୱେତ ନିଜର ଆକାଶମାର୍ଗ ଏବଂ ସାମରିକ ଘାଟି ବ୍ୟବହାର ଉପରୁ ହଟକେଣ୍ଡା ହଟାଇ ଆମେରିକୀୟ ଯୁଦ୍ଧ ବିମାନ ପାଇଁ ବାଟ ଖୋଲି ଦେଇଛନ୍ତି । ଏହି ନିଷ୍ପତ୍ତି ପରେ ଇରାନ ବିରୋଧରେ ଆମେରିକାର ସାମରିକ ଅଭିଯାନ ଆହୁରି ତୀବ୍ର ହେବା ଆଶଙ୍କା କରାଯାଉଛି । ଅନ୍ୟପକ୍ଷରେ, ଷ୍ଟେଟ୍ ଅଫ୍ ହର୍ମୁଜ ରେ ଆମେରିକାର 'ପ୍ରୋଜେକ୍ଟ ଫ୍ରିଡମ୍' ମିଶନକୁ ଏକ ବଡ଼ ସଫଳତା ମିଳିଛି । ଇରାନର କଡ଼ା ବିରୋଧ ସତ୍ତ୍ୱେ ଆମେରିକୀୟ ନୌସେନା ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷିତ ପାର କରିବାରେ ସଫଳ ହୋଇଛି । ସାଉଦି ଓ କୁୱେତର ସହଯୋଗ ମିଳିବା ପରେ ଆମେରିକା ଏବେ ଏହି ରଣନୈତିକ ଜଳପଥରେ ନିଜର ପ୍ରଭାବ ଆହୁରି ବଢ଼ାଇବାକୁ ପ୍ରସ୍ତୁତ ହେଉଛି । ଏହି ଘଟଣାକ୍ରମ ଇରାନ ପାଇଁ ଏକ ଶକ୍ତ ଝଟକା ବୋଲି କୁହାଯାଉଛି, ଯାହା ଆଗାମୀ ଦିନରେ ଏହି ଅଞ୍ଚଳରେ ଯୁଦ୍ଧର ସ୍ଥିତିକୁ ଆହୁରି ଜଟିଳ କରିପାରେ ।

ଚୀନ୍‌ର ୨ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ମୃତ୍ୟୁଦଣ୍ଡ: କ୍ଷମତାରେ ରହି ବ୍ୟାପକ ଦୁର୍ନୀତି କରିଥିଲେ ଅଭିଯୁକ୍ତ

ବେଜିଂନୂଆଦିଲ୍ଲୀ,୮/୫(ନ୍ୟୁ.ଏ):ଦୁର୍ନୀତି ମାମଲାରେ ଚୀନର ଦୁଇ ଜଣ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ । ସେମାନେ ହେଲେ ଲି ଶାଙ୍ଗଫୁ ଏବଂ ଓ୍ୱେଇ ଫେଙ୍ଗହେ । ଉଭୟ ବ୍ୟାପକ ଦୁର୍ନୀତି କରିବା ସହ ପଦର ଦୁରୁପଯୋଗ କରିଥିଲେ । ତେବେ ଚୀନ ଆଇନ ଅନୁସାରେ ଉଭୟଙ୍କୁ ଫାଶୀ ଦିଆଯିବ ନାହିଁ । ସେମାନେ ବିନା ପାରୋଲରେ ୨ ବର୍ଷ ପାଇଁ ଜେଲରେ ରହିବେ । ଏହା ଭିତରେ ଯଦି କୌଣସି ଅପରାଧ ନକରିବେ ତେବେ ସେମାନଙ୍କ ମୃତ୍ୟୁଦଣ୍ଡକୁ ଆଜୀବନ ଜେଲରେ ପରିଣତ କରାଯିବ । ତଦନ୍ତରୁ ଜଣାପଡ଼ିଛି ଯେ, କି ଲି ଦଳୀୟ ଅନୁଶାସନ ଓ ଆଇନର ଉଲ୍ଲଙ୍ଘନ କରିଛନ୍ତି । ସେ ବିପୁଳ ପରିମାଣର ଲାଂ ନେଇଛନ୍ତି, ଅନ୍ୟକୁ ଲାଂ ଦେଇଛନ୍ତି ଏବଂ ପଦର ଦୁରୁପଯୋଗ କରିଛନ୍ତି । ତାଙ୍କର ଏଭଳି ପଦକ୍ଷେପ ଯୋଗୁ ଚୀନ୍?ର ସୁରକ୍ଷା ବିକାଶ ଓ ସାମରିକ ଉପକରଣ ଛବିକୁ ବହୁତ ବଡ ଷ୍ଟି ପହଂଚାଇଛି । ଅନ୍ୟପକ୍ଷରେ ଓ୍ୱେଇ ମଧ୍ୟ ବ୍ୟାପକ ମାତ୍ରରେ ଲାଂଚ ନେବା ସହ ନିଜ ପଦର ଅପବ୍ୟବହାର କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ସେନା ସହ ଜଡିତ ନିଷ୍ପତ୍ତିର ଫାଇଲ ପହଂଚାଇବା ବଦଳରେ ଲାଂଚ ନେଇଥିଲେ । ଏହାଦ୍ୱାରା ସେନାର ବିପୁଳ କ୍ଷତି ହୋଇଥିଲା । ଓ୍ୱେଇ ପ୍ରତିରକ୍ଷା ମନ୍ତ୍ରୀ ରହିବା ସହ ଚୀନ୍ ସେନାର ରକେଟ ଫୋର୍ସର କମାଣ୍ଡର ଦାୟିତ୍ୱରେ ରହିଥିଲେ । ରକେଟ ଫୋର୍ସ ଚୀନର ମିସାଇଲ ଓ ପରମାଣୁ ଅସ୍ତ୍ର ସିଷ୍ଟମକୁ ସମ୍ଭାଳିଥାଏ । ଉଭୟ ନେତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ରାଷ୍ଟ୍ରପତି ସି. ଜିନପିଙ୍ଗଙ୍କ ଦୁର୍ନୀତି ବିରୋଧୀ ଅଭିଯାନର ଅଂଶବିଶେଷ । ଗତ କିଛିବର୍ଷ ହେଲା ଚୀନ୍ ର ସେନା ଓ ପ୍ରତିରକ୍ଷା ସହ ଜଡ଼ିତ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

ଯୁକ୍ରେନ-ରୁଷ୍ ଯୁଦ୍ଧ ଭିତରେ ପୁଟିନଙ୍କୁ ହତ୍ୟା ଆଶଙ୍କା ବୃଦ୍ଧି

କୁଆଦିଲ୍ଲୀ,୮/୫(ନ୍ୟୁ.ଏ):ରୁଷ-ଯୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ହତ୍ୟା ଆଶଙ୍କା ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି କ୍ରେମଲିନ ପକ୍ଷରୁ ପୁଟିନଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି । ତାଙ୍କର ସମସ୍ତ ଯାତାୟାତ ଓ ବାସସ୍ଥାନ ଚାରିପାଖରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି । ଲିକ୍ ହୋଇଥିବା ଏକ ୟୁରୋପୀୟ ଗୁପ୍ତଚର ସମ୍ପୀଠା ଆଧାରିତ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ , ନେଭାଗୋରୋଡ ଅଂଚଳରେ ଥିବା ପୁଟିନଙ୍କ ନିଜ ଘର ନିକଟରେ ତାଙ୍କୁ ଟାର୍ଗେଟ କରିବାକୁ ଚେଷ୍ଟା କରାଯାଉଛି ବୋଲି ଦାବି ପରେ ରୁଷ କର୍ତ୍ତୃପକ୍ଷ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଏହି ଅଭିଯୋଗର ଯାଂ ହୋଇପାରିନି । ପୁଟିନଙ୍କୁ ସିଧାସଳଖ ଟାର୍ଗେଟ କରାଯିବା କଥାକୁ ଉଭୟ ଆମେରିକା ଓ ୟୁକ୍ରେନ ଖଣ୍ଡନ କରିଛନ୍ତି । ରିପୋର୍ଟ ଅନୁଯାୟୀ ପୁଟିନ ମସ୍କୋ ଓବଲାଷ୍ଟ ଓ ନୋଭୋଗୋରୋଡର ଲାଭାଚାଲରେ ଥିବା ତାଙ୍କ ଘରକୁ ଯିବା କମ୍ କରିଦେଇଛନ୍ତି । ୟୁକ୍ରେନ ରୁଷ୍ ଉପରେ ଆକ୍ରମଣ ସମୟରେ ଦୀର୍ଘ ଦୂରଗାମୀ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଧ୍ୟମରେ ଆକ୍ରମଣ କରୁଥିବାରୁ ରୁଷ୍?ର ରାଜନୈତିକ ଓ ସାମରିକ ପ୍ରତିଷ୍ଠାନ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଥିବା କୁହାଯାଉଛି । ଗତବର୍ଷ ଡିସେମ୍ବରରେ ଲେଫ୍ଟନାଂଟ ଜେନେରାଲ ଫାନିଲ୍ ସର୍ବାରୋଭଙ୍କୁ ହତ୍ୟା ପରେ କ୍ରେମଲିନ୍‌ର ଚିନ୍ତା ବଢୁଛି । ରୁଷ୍‌ର ବରିଷ୍ଠ ସାମରିକ ଅଧିକାରୀଙ୍କ କାର ତଳେ ବୋମା ଖଞ୍ଜି ଦିଆଯାଇଥିବାବେଳେ ଏଥିରେ ବିସ୍ଫୋରଣ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ସର୍ଗେରୋଭଙ୍କୁ ଗୋଟାଗୋଟ କରି ହତ୍ୟା କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ପୁଟିନଙ୍କ ସୁରକ୍ଷା ଅଧିକ କଡ଼ାକଡ଼ି କରାଯାଇଛି । ତାଙ୍କ ବାସଭବନ ପରିସର ଓ ଯାତ୍ରା ମାର୍ଗରେ ହୋଇ ନିରୋଧୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗତ କିଛି ମାସ ହେଲା ପୁଟିନ୍ ଅନାବଶ୍ୟକ ଯାତ୍ରା ବନ୍ଦ ରଖିଥିବାବେଳେ ସାର୍ବଜନୀନ କାର୍ଯ୍ୟକ୍ରମରେ କମ୍ ଯୋଗ ଦେଉଛନ୍ତି । ଲିକ୍ ହୋଇଥିବା ଗୁଇନ୍ଦା ଦଲିଲରୁ ୟୁରୋପୀୟ ଗଣମାଧ୍ୟମମାନେ ଦାବି କରିଛନ୍ତି ଯେ, ରୁଷ୍‌ର ଫେଡେରାଲ ପ୍ରୋଟେକ୍ଟିଭ ସର୍ଭିସ୍ (ଏଫ୍‌ଏସ୍‌ଓ) ପୁଟିନଙ୍କ ନିକଟରେ ରହୁଥିବା କର୍ମଚାରୀଙ୍କ ଉପରେ ମଧ୍ୟ କଡ଼ା ଜରୁକଣା ଲାଗୁ କରିଛନ୍ତି । ଡ୍ରୋନ୍‌ର ପ୍ରଚଳା ଟିମିଟ୍ରି ପେସ୍‌କୋଭ ମଧ୍ୟ ରାଷ୍ଟ୍ରପତିଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଓ ୟୁକ୍ରେନର ଦୂରଗାମୀ କ୍ଷେପଣାସ୍ତ୍ର ଆକ୍ରମଣ ଆଶଙ୍କା ଥିବାରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଥିବା ସ୍ୱୀକାର କରିଛନ୍ତି । ୟୁକ୍ରେନ ସହିତ ସଂଘର୍ଷ ତୀବ୍ରତର ହେଉ ଥିବାରୁ ଏହି ଘଟଣାଗୁଡ଼ିକ କ୍ରେମଲିନ୍ ଭିତରେ ବଢୁଥିବା ସୁରକ୍ଷା ଚିନ୍ତାକୁ ସ୍ପଷ୍ଟ କରୁଛି ।

ବାଲିଅନ୍ତା ପରେ ବାଲିପାଟଣାରେ ପୁଣି ମାଡ଼ମାରି ହତ୍ୟା ଅଭିଯୋଗ

ଭୁବନେଶ୍ୱର,୮/୫(ଆ.ପ୍ର):ବାଲିପାଟଣାରେ ପୁଣି ମାଡ଼ମାରି ହତ୍ୟା ଅଭିଯୋଗ, ଟଙ୍କା କାରବାରକୁ ନେଇ ହୋଇଥିବା ସନ୍ଦେହ । ବାଲିଅନ୍ତା ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ନ ବନ୍ଦ ହୋଇ ନଥିବା ବେଳେ ସମାନ ଘଟଣା ଏବେ ସାମ୍ନାକୁ ଆସିଛି ବାଲିପାଟଣାରୁ । ବାଲିପାଟଣାରେ ପୁଣି ମାଡ଼ମାରି ହତ୍ୟା ଅଭିଯୋଗ । ମୃତକ ଅଠାନର ଗାଁର ରାଜେଶ ଦାସ ବୋଲି ଜଣାପଡ଼ିଛି । ଅଠାନର ଛଳରେ ରାକେଶଙ୍କୁ ନିଷ୍ଠୁର ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି । ମାଡ଼ ମରାଯିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏହି ହତ୍ୟା ଟଙ୍କା କାରବାରକୁ ନେଇ ହୋଇଥିବା ସୂଚନା ମିଳୁଛି । ସୂଚନା ଅନୁସାରେ, ବାଲିଅନ୍ତାରୁ ଗତକାଲି ଏକ ଛାତି ଥରା ଦୃଶ୍ୟ ନଜରକୁ ଆସିଥିଲା । ଦିନ ଦ୍ୱିପ୍ରହରରେ ଯୁବକଙ୍କୁ ପିଟିପିଟି ମାରିଦେଇଥିଲେ । ତାହା ପୁଣି ପୁଲିସ ଉପସ୍ଥିତିରେ । ଯାହା ଏବେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ଯୁବତୀଙ୍କୁ ଅସବାଚରଣ କରିଥିବା ଅଭିଯୋଗରେ ପିଟିପିଟି ମାରି ଦେଇଥିବା ଅଭିଯୋଗ ହୋଇଛି । ମୃତ ଯୁବକ ଜଣକ ଜିପିଆରରେ କାମ କରୁଥିଲେ । ତାଙ୍କ ହାତରୋଡ଼ ବାନ୍ଧି ମାଡ଼ ମାରିଥିବାର କିଡିଓ ମଧ୍ୟ ସାମ୍ନାକୁ ଆସିଛି । ସେଇଥିରେ ପୁଲିସ ଘଟଣାସ୍ଥଳରେ ମଧ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ସାରା ରାଜ୍ୟରେ ଏବେ ବେଶ୍ ଚର୍ଚ୍ଚା ଲାଗି ରହିଛି । ଆଜି ପୁଣି ଏଇକି ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି ।

ରୁଷ-ୟୁକ୍ରେନ ଯୁଦ୍ଧରେ ସାମୟିକ ବିରାମ

ନୂଆଦିଲ୍ଲୀ,୮/୫(ନ୍ୟୁ.ଏ):ରୁଷ ଓ ୟୁକ୍ରେନ ମଧ୍ୟରେ ଜାରି ରହିଥିବା ଦୀର୍ଘ ଦିନର ବିନାଶକାରୀ ଯୁଦ୍ଧରେ ସାମୟିକ ବିରାମ ଲାଗିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସୋଭିଏତ୍ ସେନାର ଐତିହାସିକ ବିଜୟକୁ ସ୍ମରଣ କରିବା ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଯୁଦ୍ଧକ୍ଷେତ୍ରରେ ତିନି ଦିନ ପାଇଁ ସମ୍ପୂର୍ଣ୍ଣ ଅସ୍ତ୍ରବିରତି ଘୋଷଣା କରିଛନ୍ତି । ମହାନ ଦେଶପ୍ରେମୀ ଯୁଦ୍ଧର ୮୧ତମ ବାର୍ଷିକୀ ଅବସରରେ ମେ' ୮ତାରିଖ ମଧ୍ୟରାତ୍ରିରୁ ମେ' ୧୦ ତାରିଖ ପର୍ଯ୍ୟନ୍ତ ସମସ୍ତ ପ୍ରମୁଖ ବିମାନ ଆକ୍ରମଣକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ବିଜୟ ଦିବସ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ବୋଲି ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଅନ୍ୟପଟେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଏକ କଟାକକୁ ନେଇ ଉତ୍ତେଜନା ବୃଦ୍ଧି ପାଇଛି । ଜେରେଭାନରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଜେଲେନ୍‌ସ୍କି ବ୍ୟଙ୍ଗାତ୍ମକ ଭାବେ କହିଛନ୍ତି ଯେ, ରୁଷର ରେଡ୍ ସ୍କୋୟାର ଉପରେ ଯେକୌଣସି ସମୟରେ ୟୁକ୍ରେନୀୟ ଡ୍ରୋନ୍ ଉଡ଼ିପାରେ, ଯାହାକୁ ନେଇ ରୁଷ ଭୟଭୀତ ଅଛି । ଏହାର କଡ଼ା ଜବାବ ଦେବ ରୁଷ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା ପଶ୍ଚିମ ଦେଶଗୁଡ଼ିକୁ ଚେତାବନୀ ଦେଇ ସ୍ପଷ୍ଟ କରିଛନ୍ତି ଯେ, ଯଦି ବିଜୟ ପରେଡ୍ ସମୟରେ କୌଣସି ଡ୍ରୋନ୍ ଆକ୍ରମଣ ହୁଏ, ତେବେ ରୁଷ ସେନା ତୁରନ୍ତ କିଭର ଜେହ୍ନ ସ୍ଥଳ ଭିତରେ ବିମାନଚାରୀ ଷ୍ଟେଶାମ୍ବ ମାଡ଼ କରିବ । ଏହାସହ